

# କଟକ ସିଟି

ଏସ୍‌ସିବି ଫାର୍ମାସିଷ୍ଟଙ୍କୁ ଆକ୍ରମଣ ଘଟଣା

# ସୁପାରି ଦେଇ ହତ୍ୟା ଷଡ଼ଯନ୍ତ୍ର: ୬ ଗିରଫ

କଟକ,୨୧।୬(ସମିସ)

ହୃଦ୍‌ରୋଗୀଙ୍କ ହାର୍ଟରେ ଲାଗୁଥିବା ଷ୍ଟେଣ୍ଟ୍ ଓ ବେଲୁନକୁ ନେଇ ବିବାଦ ଦେଖାଦେଇଛି। ଏସ୍‌ସିବିରେ ଷ୍ଟେଣ୍ଟ୍ ଓ ବେଲୁନ୍ ନିମନ୍ତେ ହୋଇଥିବା ଟେଣ୍ଡର୍ ନପାଇବାରୁ ଏହା ଦାୟିତ୍ୱରେ ଥିବା ଜଣେ କର୍ମଚାରୀଙ୍କ ବିରୋଧରେ ହତ୍ୟାଷଡ଼ଯନ୍ତ୍ର କରି ପୁଲିସ ହାତରେ ଧରାପଡ଼ିଛନ୍ତି ଦୁର୍ବୃତ୍ତ। ଆଜି ଏସ୍‌ସିବି ମେଡିକାଲ କେନ୍ଦ୍ରୀୟ ଔଷଧ ଗୃହରେ କାର୍ଯ୍ୟରତ ଜଣେ ଫାର୍ମାସିଷ୍ଟଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ ଘଟଣାର ପର୍ଦ୍ଦାଫାସ କରିଛି ମଙ୍ଗଳାବାଗ ଥାନା ପୁଲିସ। ହୃଦରୋଗୀଙ୍କ ଚିକିତ୍ସାରେ ବ୍ୟବହୃତ ସରଞ୍ଜାମ ଯୋଗାଣର ଟେଣ୍ଡର ନମିଳିବାରୁ ଏକ ଫାର୍ମାସ୍ୟୁଟିକାଲ କମ୍ପାନୀର କର୍ମଚାରୀ ସୁପାରି ଦେଇ ଫାର୍ମାସିଷ୍ଟଙ୍କୁ ହତ୍ୟା ଷଡ଼ଯନ୍ତ୍ର ରଚିଥିଲା।

- ୪୦ ହଜାର ଦେଇ ମାରିଦେବାକୁ ହୋଇଥିଲା ଡିଲ୍
- ଟେଣ୍ଡର ନମିଳିବାରୁ ମୁଖ୍ୟ ଅଭିଯୁକ୍ତ ରଚିଥିଲା ଚକ୍ରବ୍ୟୂହ

ଏହି ଘଟଣାରେ ମଙ୍ଗଳାବାଗ ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ମୋଟ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଉଛନ୍ତି ଜଗତପୁର ଇପିକଲ ଛକରେ ରହୁଥିବା କିଶନନଗରର ସିପୁ ଓରଫ ଦିବ୍ୟରଞ୍ଜନ ମହାନ୍ତି(୩୯), ନାନକାରର ବଣ୍ଟି ଓରଫ ଦିନେଶ ମହାନ୍ତି(୨୫), ରାଣୀହାଟ ଶଗଡିଆ ସାହିର ଟୁଟୁ ଓରଫ ରଞ୍ଜନ ବେହେରା(୨୯), ପୁରୀଘାଟ ହରିପୁରର ମୁନା ମାଇକେଲ ଓରଫ ଅବିନାଶ ମହାରଣା(୨୬), ମାଛୁଆବଜାରର ବି. ସିମାଲୁ(୨୨), ଥୋରିଆ ସାହିର ଚନ୍ଦନ ସେନାପତି(୨୨)। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



ପୁଲିସ ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ଝାରପୋଖରୀ ଥାନା ସାରସକଣା ଅଞ୍ଚଳରେ ବିଶ୍ୱମ୍ବର ଭୋଳ ଏସ୍‌ସିବି ମେଡିକାଲର କେନ୍ଦ୍ରୀୟ ଔଷଧ ଗୃହରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରନ୍ତି। ଗତ ୧୨ ତାରିଖ ସନ୍ଧ୍ୟାରେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଦୁର୍ବୃତ୍ତମାନେ ଏକ ଷ୍ଟିଲ୍ ରଡରେ ପିଟି ତାଙ୍କର ଗୋଟିଏ ଗୋଡ ଭାଙ୍ଗିଦେବା ସହ ଶରୀର ମୁଣ୍ଡ, ଛାତି, ପିଠି, ହାତ ଓ ସମ୍ବେଦନଶୀଳ ସ୍ଥାନରେ ଗଭୀର ଆଘାତ ଦେଇଥିଲେ। ଏହି ଘଟଣା ନେଇ ପତ୍ନୀ ଝାନସୀରାଣୀ ଭୋଳ ଗତ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ପୁଲିସ କେସ ନଂ ୧୬୧/୨୪, ଆଇପିସିର ୩୪୧, ୩୨୩, ୩୨୫, ୩୦୭, ୫୦୬, ୧୨୦(ବି) ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

ତଦନ୍ତ ସମୟରେ ପୁଲିସ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମନାକୁ ଆଣିଛି। ଶ୍ରୀ ଭୋଳ ଏସ୍‌ସିବିର କେନ୍ଦ୍ରୀୟ ଔଷଧ ଗୃହରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିବା ବେଳେ ବିଭିନ୍ନ ଫାର୍ମାସ୍ୟୁଟିକାଲ କମ୍ପାନିରୁ ଏସ୍‌ସିବିକୁ ଔଷଧ କିଣିବା ସଂକ୍ରାନ୍ତ ଟେଣ୍ଡର ପାଇଁ କାଗଜପତ୍ର ପ୍ରସ୍ତୁତ କରି ଥାଆନ୍ତି। ଟେଣ୍ଡର ପ୍ରକ୍ରିୟାରେ କାଠଗୋଲା ସାହିର ଦିବ୍ୟତେଜ୍ ଫାର୍ମାସ୍ୟୁଟିକାଲ ଟେଣ୍ଡର ହାସଲ କରିଥିଲା। ସେ ହୃଦରୋଗୀଙ୍କ ପାଇଁ ଷ୍ଟେଣ୍ଟ୍ ଓ ବେଲୁନ ଯୋଗାଣ ଦାୟିତ୍ୱ ନେଇଥିଲା। ମୁଖ୍ୟ ଅଭିଯୁକ୍ତ ମେଡିସିନ ରିପ୍ରେଜେଣ୍ଟେଟିଭ ସିପୁ ଓରଫ ଦିବ୍ୟରଞ୍ଜନ ମହାନ୍ତିଙ୍କ ଦିବ୍ୟତେଜ ଫାର୍ମାସ୍ୟୁଟିକାଲର ଅଂଶୀଦାର। ସେ ମେଟ୍ରୋନିକ୍ସ କମ୍ପାନିର ଷ୍ଟେଣ୍ଟ୍ ଓ ବେଲୁନ ଦିବ୍ୟତେଜ ଫାର୍ମାସ୍ୟୁଟିକାଲକୁ ଯୋଗାଣ କରିଥାଏ। ଏହାର ପ୍ରତିବଦଳରେ ୧୫ ପ୍ରତିଶତ କମିସନ ନେଇଥାଏ। ଏହି ମେଟ୍ରୋନିକ୍ସ କମ୍ପାନିର ଷ୍ଟେଣ୍ଟ୍ ଓ ବେଲୁନର ଗୁଣାତ୍ମକ ମାନ ଉପରେ ପ୍ରଶ୍ନ ଉଠିଥିଲା। ଏଥିପାଇଁ ଏହି ସଂସ୍ଥାକୁ ଏସ୍‌ସିବି ପକ୍ଷରୁ ଉକ୍ତ ସାମଗ୍ରୀ ଅର୍ଡର ଦିଆଯାଇ ନଥିଲା। ଏହାଦ୍ୱାରା ମୁଖ୍ୟ ଅଭିଯୁକ୍ତ ସିପୁ ବଡ଼ଧରଣର ଆର୍ଥିକ କ୍ଷତି ସହିଥିଲା।

କେନ୍ଦ୍ରୀୟ ଔଷଧ ଗୃହରେ ଫାର୍ମାସିଷ୍ଟ ଶ୍ରୀ ଭୋଳ ଜାଣିଶୁଣି ଷ୍ଟେଣ୍ଟ ଓ ବେଲୁନ ଯୋଗାଣ ବନ୍ଦ କରିଥିବା ସିପୁ ଏକତରଫା ଭାବି ନେଇଥିଲା। ତେଣୁ ଯୋଜନାବଦ୍ଧ ଭାବେ ସିପୁ ନିଜ ଶଳା ବଣ୍ଟି ଓରଫ ଦିନେଶ ମହାନ୍ତି ସହ ମିଶି ଫାର୍ମାସିଷ୍ଟ ଶ୍ରୀ ଭୋଳଙ୍କୁ ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ। ଶାଳକ ବଣ୍ଟି ତାର ଜଣେ ସାଙ୍ଗ ସହ ଯୋଗାଯୋଗ କରିଥିଲା। ଶ୍ରୀ ଭୋଳଙ୍କୁ ହତ୍ୟା କରିବାକୁ ୪୦ ହଜାର ଟଙ୍କା ସୁପାରି ଦେଇଥିଲା।

ଏହି ସାଙ୍ଗ ଜଣକ ଶଗଡିଆ ସାହିର ଟିଟୁ ସହ ଯୋଗାଯୋଗ କରିଥିଲା। ଟିଟୁକୁ ଏହି ହତ୍ୟାକାଣ୍ଡ ପାଇଁ ଏକ ୩ ଜଣିଆ ଟିମ୍ ଗଠନ କରିଥିଲା। ଏଥିରେ ସୁପାରି କିଲର ମୁନା ମାଇକେଲ ସମେତ ବି. ସିମୁଏଲ ଏବଂ ଚନ୍ଦନ ସେନାପତି ସାମିଲ ହୋଇଥିଲେ। ସେମାନେ ଯୋଜନାବଦ୍ଧ ଭାବେ ଶ୍ରୀ ଭୋଳଙ୍କୁ ହତ୍ୟା କରିବା ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଥିଲେ।

ଗତ ଜୁନ ୧୨ ତାରିଖରେ ଯୋଜନା ମୁତାବକ ସିପୁ, ଶାଳକ ଦିନେଶ ଏସ୍‌ସିବି କେନ୍ଦ୍ରୀୟ ଔଷଧ ଗୃହ ସାମ୍ନାରେ ଏକ ବାଇକ ଧରି ଛିଡା ହୋଇଥିଲେ। ସୁପାରି କିଲର ମୁନା, ବି. ସିମାଲୁ ଏବଂ ଚନ୍ଦନ ଏକ ସ୍କୁଟିରେ ୫୦ ମିଟର ଦୂରତାରେ ରହିଥିଲେ। ସେମାନେ ସାଙ୍ଗରେ ଏକ ଷ୍ଟିଲ୍ ରଡ ଆଣିଥିଲେ। ଶ୍ରୀ ଭୋଳଙ୍କୁ ଜୀବନରୁ ମାରିଦେବାକୁ ଅପେକ୍ଷା କରିଥିଲେ। ଯେତେବେଳେ ସେ ଅଫିସ କାମ କରି ଘରକୁ ବାହାରିଥିଲେ ଏହି ସମୟରେ ସିପୁ, ଦିନେଶ ତୁରନ୍ତ ଇଙ୍ଗିତ ଦେଇ ମୁନାକୁ ଚିହ୍ନାଇ ଦେଇଥିଲେ। ମୁନା, ସିମାଲୁ ଏବଂ ଚନ୍ଦନ ଏକ ବାଇକରେ ତାଙ୍କ ପିଛା କରିଥିଲେ। ରାଣୀହାଟ ପଟ ମେଡିକାଲ ଗେଟ ନିକଟରେ ତାଙ୍କୁ ଅଟକାଇଥିଲେ। ସେଠାରେ ତାଙ୍କୁ ମାରଣାସ୍ତ୍ରରେ ହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ଡାହାଣ ଗୋଡକୁ ବାରମ୍ବାର ଆଘାତ ଦେଇ ହାଡ ଭାଙ୍ଗିଦେଇଥିଲେ। ଶରୀରର ସମ୍ବେଦନଶୀଳ ଅଙ୍ଗକୁ ଶକ୍ତ ଆଘାତ ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶ୍ରୀ ଭୋଳ ତଳେ ପଡିଯାଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକଙ୍କ ଯିବା ଆସିବା ଦେଖି ସୁପାରି କିଲର ମୁନା ସମେତ ୩ ଜଣ ସେଠାରୁ ସ୍କୁଟିରେ ଫେରାର ହୋଇଯାଇଥିଲେ। ଏହି ମାମଲାରେ ମଙ୍ଗଳାବାଗ ଥାନା ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଉପରୋକ୍ତ ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ସ୍କୁଟି, ବାଇକ, ୫ଟି ମୋବାଇଲ ଫୋନ, ଷ୍ଟିଲ ରଡ ଆଦି ଜବତ ହୋଇଛି। ପୁଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ମୁନା ବିରୋଧରେ ମଙ୍ଗଳାବାଗ ଥାନାରେ ୨୦୧୯ ଏପ୍ରିଲ ୨୬ରେ ଏକ ଅପରାଧୀକ ମାମଲା ରୁଜୁ ହୋଇଥିଲା।

## ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମରେ ଯୋଗ ଦିବସ




**କଟକ,୨୧।୬(ସମିସ):** ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଭାରତର ସର୍ବପୁରାତନ ଶିଶୁ ଯତ୍ନ ଅନୁଷ୍ଠାନ ଶତାୟୁ "ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ ପକ୍ଷରୁ ଆଶ୍ରମର ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ପୌରହିତରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏ. ସୂର୍ଯ୍ୟନାରାୟଣ ନାଇଡୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଯୋଗ ପ୍ରଶିକ୍ଷକ ପ୍ରଫେସର ଡ଼କ୍ଟର ସୁରେଖା ସୁନ୍ଦରୀ ସ୍ୱାଇଁ ଓ କୁମୁଦିନୀ ଆଚାର୍ଯ୍ୟ ଅନ୍ତେବାସୀଙ୍କୁ ଯୋଗର ବିଭିନ୍ନ କୌଶଳ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପଣ୍ଡିତ ନୀଳକଣ୍ଠ ରାଉତ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଡ. ଲକ୍ଷ୍ମୀନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ସାବିତ୍ରୀ ନାୟକ, କିଶୋର ମହାନ୍ତି, ମଞ୍ଜୁଲତା ଜେନା, ସତ୍ୟ ଗୋପାଳ ପରିଜା, ଚୈତନ୍ୟ ପଢିହାରୀ, ସୁଚରିତା ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିକଟରେ ୱାଇଜମ୍ୟାନ ଇଣ୍ଟରନାସନାଲର ଉତ୍ତର, ପୂର୍ବ ଓ ଉତ୍ତରପୂର୍ବ ଇଣ୍ଡିଆର ଆଞ୍ଚଳିକ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଥିବା ଆଶ୍ରମର ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କୁ ଅନୁଷ୍ଠାନ ପକ୍ଷରୁ ଜଷ୍ଟିସ ନାଇଡୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ।

## ପତଞ୍ଜଳି ପକ୍ଷରୁ ଯୋଗ ଦିବସ



**କଟକ,୨୧।୬(ସମିସ):** ପତଞ୍ଜଳି ଯୋଗପୀଠ ଆନୁକୂଲ୍ୟରେ ଓଏସ୍‌ଏପି ୬ଷ୍ଠ ବ୍ୟାଟାଲିୟନ୍ ପଡ଼ିଆରେ ଜିଲ୍ଲାସ୍ତରୀୟ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ରାଜ୍ୟ ପ୍ରଭାରୀ ସୁନିଲ ଶର୍ମାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରଭାରୀ ସ୍ୱୟଂ ପ୍ରକାଶ ମହାପାତ୍ର, ଡେପୁଟି କମାଣ୍ଡାଣ୍ଟ ଅନୀଲ ପ୍ରଧାନ ଓ ବିଶିଷ୍ଟ ଶିକ୍ଷାବିତ୍ ବିନୋଦ ଦାଶ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାରୀ ଶିଶିର ଜେନା, ସବିତା ପରିଡ଼ା, ସିଏଚ୍ ବସନ୍ତା, ସୁରଭି ରାଉତ, ସମୀର ନାୟକ, ସ୍ୱରୂପ ସାହୁ, କିଶୋର ସାଗର, କୃଷ୍ଣଚନ୍ଦ୍ର ସାହୁ, ପ୍ରମୋଦ ଦାଶ, ସ୍ୱାଗତିକା ମହାନ୍ତି, ଅମୂଲ୍ୟ ମହାନ୍ତି, ଗଜେନ୍ଦ୍ର ସ୍ୱାଇଁ, ଭରତ ଶର୍ମା, ଆଶିଷ ହାଲଦାର, ବନ୍ଦିତା ମହାପାତ୍ର, ରୀତା ପୁହାଣ, ଗୀତାଞ୍ଜଳି ଶତପଥୀ, ବିଦ୍ୟୁତଲତା ରାୟ, ଖଗେଶ୍ୱର ସାହୁ, ପ୍ରିୟବ୍ରତ ରାଉତରାୟ, ଅମିତାଭ ରଥ, କବିତା କରଣ, ଯଶୋଦା ଦାଶ, ଲୋପାମୁଦ୍ରା, ପ୍ରୀତିସୁଧା, ସାଗର ନାୟକ, ଶରତ ପଣ୍ଡା, କୃତିବାସ ପଣ୍ଡା, ମହେନ୍ଦ୍ର ତ୍ରିପାଠୀ, ଜ୍ୟୋତି ମୁଦୁଲି, ବିବେକାନନ୍ଦ ରାଉତ, ନିତାଇ ବଳ, ସ୍ନେହଲତା ଦାସ, ଗୀତାଞ୍ଜଳି ସାହୁ ଓ ସନ୍ତୋଷ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଯୋଗ ଶିକ୍ଷକ ସତ୍ୟ ରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଉପସ୍ଥିତ ଥିବା ଏକ ହଜାରରୁ ଉର୍ଦ୍ଧ୍ୱ ସାଧକ ସାଧିକା, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ କମନ୍ ଯୋଗ ପ୍ରୋଟୋକଲ ଅଭ୍ୟାସ କରିଥିଲେ। ନିମାଇଁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## 'ହାଇଫ୍ଲୋଜେଟ୍ ସକ୍ସନ୍' ଦ୍ୱାରା ପଙ୍କୋଦ୍ଧାର ଆରମ୍ଭ

**କଟକ,୨୧।୬(ସମିସ):** କଟକ ମହାନଗରକୁ ଜଳବନ୍ଦୀ ସମସ୍ୟାରୁ ରକ୍ଷା କରିବା ପାଇଁ ସିଏମସି ପକ୍ଷରୁ "ହାଇଫ୍ଲୋଜେଟ୍ ସକ୍ସନ୍' ଯନ୍ତ୍ର ଅଣାଯାଇଛି। ଆଜି ମେୟର ସୁବାସ ସିଂହଙ୍କ ଉପସ୍ଥିତିରେ ଏହି "ହାଇଫ୍ଲୋଜେଟ୍ ସକ୍ସନ୍' ଯନ୍ତ୍ର ଦ୍ୱାରା କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ଯନ୍ତ୍ର ଦ୍ୱାରା ବକ୍ସ ଡ୍ରେନ ସଫେଇ କାର୍ଯ୍ୟକୁ ଆଜି କଟକ ମେୟର ସୁବାସ ସିଂହ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ବୃହତ୍ ଯନ୍ତ୍ର ଯାନ ବଡବଡ ନଳା ବା ନର୍ଦ୍ଦମାରୁ ପଙ୍କ ଉତ୍ତୋଳିତ ହୋଇପାରିବ ଏବଂ ପଙ୍କ ସାଙ୍ଗକୁ ଇଟା ଓ ପଥର ମଧ୍ୟ ଉତ୍ତୋଳିତ ହୋଇପାରିବ। ଦିଲ୍ଲୀରୁ ଆସିଥିବା ଏହି ଯନ୍ତ୍ର କେଶରପୁର ଅଞ୍ଚଳରେ ବକ୍ସଡ୍ରେନ୍ ସହ ସଂଯୋଗ କରାଯାଇଛି। ବୁଧବାର ଅପରାହ୍ନରେ ପରୀକ୍ଷାମୂଳକ ଭାବେ କିଛି ସମୟ ପାଇଁ ସଫେଇ ବା ପଙ୍କ ଓ କଠିନ ବର୍ଜ୍ୟର ଉତ୍ତୋଳନ ହୋଇଥିଲା। ଆଜିଠାରୁ ଏହା ନିୟମିତ ଚାଲିବ। ଆଜିର ଏହି କାର୍ଯ୍ୟକ୍ରମରେ କର୍ପୋରେଟର ପ୍ରଦୀପ୍ତ କୁମାର ସାହୁ, ଦେବେନ୍ଦ୍ର ପାଣିଗ୍ରାହୀ, ଜନ ଆଶିଷ ବରାଳ, ଠିକାଦାର ଓ ସଫେଇ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



## ହାତୀପୋଖରୀ ପୁନରୁଦ୍ଧାର ପାଇଁ ଦାବି

**କଟକ,୨୧।୬(ସମିସ):** ହାତୀପୋଖରୀ ହେଉଛି କଟକ ସହରର ଏକ ବୃହତ୍ତ ପୁରାତନ ଐତିହାସିକ ପୁଷ୍କରିଣୀ (ହାତୀପୋଖରୀ )। ଏହି ପୁଷ୍କରିଣୀର ନାମ ଅନୁଯାୟୀ ଉକ୍ତ ସ୍ଥାନର ନାମକରଣ ମଧ୍ୟ ହାତୀପୋଖରୀ ରଖାଯାଇଛି। ଓଡିଶା ଉଚ୍ଚନ୍ୟାୟାଳୟ ଦ୍ୱାରା ଆଇନ ପ୍ରଣୟନ ହୋଇଛି, କୌଣସି ବି ପରିସ୍ଥିତିରେ ଜଳାଶୟପୋତାଯାଇପାରିବ ନାହିଁ। ମାତ୍ର ଦୁଃଖର ବିଷୟ କିଛି ଅସାମାଜିକ ବ୍ୟକ୍ତି ଏହି ଜଳାଶୟର ଏକ ତୃତୀୟାଂଶ ସ୍ଥାନକୁ ପୋତି ସେଠାରେ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ସହିତ ବ୍ୟବସାୟ ଚଳାଇଛନ୍ତି ଓ ଚକ୍ରାନ୍ତ କରି ପୁଷ୍କରିଣୀକୁ ଧୀରେ ଧୀରେ ପୋତିବାରେ ଲାଗିଛନ୍ତି। ଯାହାଫଳରେ କାଠଗଡ଼ସାହି, ନିମସାହି, ହାତୀପୋଖରୀ ଛକ, ତିନିକୋଣିଆବଗିଚା, ଦରଘା ବଜାର ଇତ୍ୟାଦି ଅଞ୍ଚଳ ଗୁଡିକରେ ଜଳ ନିଷ୍କାସନ ହୋଇନପାରି ଜଳବନ୍ଦୀ ଭଳି ବୃହତ ସମସ୍ୟା ଉପୁଜୁଛି ଓ ଜଳସ୍ତର ମଧ୍ୟ ହ୍ରାସ ପାଉଛି ଏବଂ ଜନସାଧାରଣମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦିନରେ ବର୍ଷାଋତୁ ପାଖେଇ ଆସୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୃହତ୍ତ ଜଳବନ୍ଦୀ ସମସ୍ୟାର ସମାଧାନ ନିମନ୍ତେ ଉକ୍ତ ପୋଖରୀକୁ ପୁନଃରୁଦ୍ଧାର କରି ଉଚ୍ଚନ୍ୟାୟାଳୟଙ୍କର ଆଦେଶକୁ କଡାକଡି ଭାବରେ ପାଳନ କରାଯାଉ ଏବଂ ଯେଉଁ ଅସାମାଜିକ ବ୍ୟକ୍ତିମାନେ ଏହି ପୋଖରୀପୋତା କାର୍ଯ୍ୟରେ ଲିପ୍ତ, ସେମାନଙ୍କ ବିରୁଦ୍ଧରେ ଦୃଢ଼ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହା ସହିତ କଟକ ସହରରେ ଅବହେଳିତ ଅବସ୍ଥାରେ ପଡିରହିଥିବା ପୋଖରୀ ଗୁଡିକୁ ଏବଂ ପୋତାଯାଇଥିବା ସମସ୍ତ ପୋଖରୀର ପୁନଃରୁଦ୍ଧାର କରାଯିବାକୁ ଆଜି ହିନ୍ଦୁସେନା ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

## ବେଆଇନ ପାର୍କିଂ: ୮ ଗାଡ଼ି ଜବତ

**କଟକ,୨୧।୬(ସମିସ):** ରାସ୍ତାକଡ଼ରେ ମନଇଚ୍ଛା ଗାଡ଼ି ରଖି ଅଜଥା ଭିଡ଼ ଓ ଦୁର୍ଘଟଣାର କାରଣ ପାଲଟୁଥିବା ଗାଡିଗୁଡିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି କଟକ ଟ୍ରାଫିକ୍ ପୁଲିସ। ଏହିକ୍ରମରେ ଆରମ୍ଭ ହୋଇଥିବା ଏକ ସ୍ୱତନ୍ତ୍ର ଅଭିଯାନରେ ଆଜି ମଧ୍ୟ ୩ଟି ବସ୍ ଓ ୫କାର୍‌କୁ ଜବତ କରାଯାଇଛି। ଏହି ଗାଡିଗୁଡିକ ଲିଙ୍କରୋଡ-ବାଦାମବାଡ଼ି ରାସ୍ତାରେ ବେଆଇନ ଭାବେ ପାର୍କିଂ କରିଥିଲେ। ଟ୍ରାଫିକ୍ ଏସିପି ସୁଶାନ୍ତକୁମାର ସିଂଙ୍କ ନେତୃତ୍ୱରେ ଜାରି ରହିଥିବା ଏହି ଚଢ଼ଉରେ ଗତ ଦୁଇଦିନ ମଧ୍ୟରେ ୩୦ରୁ ଅଧିକ ବସ୍, କାର ଓ ବାଇକ୍ ଜବତ କରାଯାଇଛି। ଜବତ ଗାଡିଗୁଡିକ ମଧୁପାଟଣାସ୍ଥିତ ଟ୍ରାଫିକ୍ ଟାୱାର କଡ଼ରେ ରଖାଯାଇଛି। ଆବଶ୍ୟକ ଜରିମାନା ଭରଣା କରୁଥିବା ଗାଡିଗୁଡିକୁ ତାଗିଦା ପରେ ମୁକୁଳା ଯାଉଛି।

## ଦୁର୍ଘଟଣାରେ ୨ ମୃତ; ଜଣେ ଗୁରୁତର

**କଟକ,୨୧।୬(ସମିସ):** କଟକ ସିଡିଏ ସେକ୍ଟର ୧୧ରୁ ନୂଆପାଟଣାକୁ ସଂଯୋଗ କରୁଥିବା ମଧୁସୂଦନ ସେତୁ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣା ଘଟିଛି। ବ୍ରିଜ ଉପରେ ଠିଆ ହୋଇଥିବା ଟ୍ରକ୍ ପଛରେ ଧକ୍କା ଦେଇଥିଲା ବାଇକ୍। ଫଳରେ ବାଇକରେ ବସିଥିବା ତିନିଜଣ ଯୁବକଙ୍କ ମଧ୍ୟରୁ ଦୁଇ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ବିଳମ୍ବିତ ରାତି ସୁଦ୍ଧା ମୃତାହତ ଯୁବକଙ୍କ ପରିଚୟ ମିଳି ପାରି ନାହିଁ। ତେବେ ଦୁର୍ଘଟଣା ପରେ ଥାନା ପରିସୀମାକୁ ନେଇ ଦୁଇ ଥାନା ମଧ୍ୟରେ ବିବାଦ ଦେଖାଦେଇଥଲା। ଯଦିଓ ଦୁର୍ଘଟଣା ଘଟିଥିବା ସ୍ଥାନ ଚୌଦ୍ୱାର ଥାନା ଅଧୀନରେ ଯାଉଥିବା ବେଳେ ସିଡିଏ ଫେଜ -୨ ଥାନା ଦୁର୍ଘଟଣା ସ୍ଥଳର ଖୁବ ନିକଟରେ ଅବସ୍ଥିତ ଅଥଚ ଫେଜ-୨ ଥାନା ପୁଲିସକୁ ଖବର ଦିଆଯାଇଥିଲେ ମଧ୍ୟ ସେମାନେ ଘଟଣାସ୍ଥଳରେ ପହଞ୍ଚି ନ ଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଚୌଦ୍ୱାର ଥାନା ପୁଲିସ ଦୂର ବାଟ ହୋଇଥିବାରୁ ବିଳମ୍ବରେ ପହଞ୍ଚି ଆହତଙ୍କୁ ମେଡିକାଲକୁ ପଠାଇବାରେ ବ୍ୟବସ୍ଥା କରିଥିଲା।

## ସିଏମ୍‌ସିର ୨ ଷ୍ଟାଣ୍ଡିଂ କମିଟିରେ ନୂଆ ଅଧ୍ୟକ୍ଷ



**କଟକ,୨୧।୬(ସମିସ):** କଟକ ମହାନଗର ନିଗମ (ସିଏମ୍‌ସି)ର ବିଜୁ ଭବନ କାର୍ଯ୍ୟାଳୟରେ ଷ୍ଟାଣ୍ଡି କମିଟି ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ମେୟର ସୁବାସ ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ। ନିର୍ବାଚନ ଓ କର୍ପୋରେଟରଙ୍କ ମନୋନୟନକୁ ଆଧାର କରି ନୂଆ ଅଧ୍ୟକ୍ଷ ବଛା ଯାଇଥିଲା। ଚଳିତବର୍ଷ ଦୁଇଟି କମିଟିର ଅଧ୍ୟକ୍ଷ ବଦଳିଛନ୍ତି। ଯୋଜନା ଓ ଉନ୍ନୟନ କମିଟିର ଅଧ୍ୟକ୍ଷ ଭାବେ ୩ ନଂ ୱାର୍ଡ କର୍ପୋରେଟର ପ୍ରଦୀପ କୁମାର ରାଉତ ମନୋନୀତ ହୋଇଥିବା ବେଳେ ଏଷ୍ଟାବ୍ଲିଶମେଣ୍ଟ କମିଟି ଅଧ୍ୟକ୍ଷ ଭାବେ ୫୧ ନଂ ୱାର୍ଡ କର୍ପୋରେଟର ରାକେଶ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ବାକି ୬ଟି କମିଟିର ଅଧ୍ୟକ୍ଷ ଯେଉଁମାନେ ଗତବର୍ଷ ଥିଲେ ସେହିମାନେ ପୁନର୍ବାର ନିର୍ବାଚିତ ହୋଇଛନ୍ତି।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଜବରଦଖଲରେ ଫୁଟ୍‌ପାଥ୍ ଓ ଡ୍ରେନ୍

### ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶାବଳୀ ଜାରୀ
### ଅଦାଲତଙ୍କୁ ଅବଗତକଲେ କଟକ ଡିସିପି

କଟକ,୨୧।୬(ସମିସ)

କଟକ ସହରର ପଥଚାରୀଙ୍କ ପାଇଁ କେଉଁ ସ୍ଥାନରେ ବି ଫୁଟପାଥ ବା ପାଦଚଲା ରାସ୍ତାଟିଏ ନାହିଁ। ଯାହାକୁ ନେଇ ଅନେକ ସମୟରେ ଅସନ୍ତୋଷ ପ୍ରକାଶ ପାଇଛି। କଟକ ସହରରେ ଯେଉଁ କେତେକ ସ୍ଥାନରେ ଫୁଟପାଥ ବା ପାଦଚଲା ରାସ୍ତା କରାଯାଇଛି ସେଗୁଡିକ ବେଆଇନ ପାର୍କିଂ ଓ ଉଠାଦୋକାନୀ ମାନଙ୍କର ଜବରଦଖଲରେ ରହିଛି। ଏପରିକି କଟକ ସହର ସମସ୍ୟାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି। ନିକଟରେ ଜବରଦଖଲ ହଟାଇବା ଦିଗରେ ପୁଲିସ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଜବରଦଖଲ ଉଚ୍ଛେଦ ପରେ ପୁଣି ଜବରଦଖଲ ହେଲେ ସଂପୃକ୍ତ ଥାନା ଅଧିକାରୀଙ୍କୁ ଉତ୍ତରଦାୟୀ କରାଯିବ ବୋଲି ହାଇକୋର୍ଟ କଡା ତାଗିଦ କରିଥିଲେ। ଏହା ସତ୍ତ୍ୱେବି ସହରର ପ୍ରବେଶ ସ୍ଥଳ ମଧୁପାଟଣା-ବାଦାମବାଡି ରାସ୍ତାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏପରିକି ଆଡଭୋକେଟ କମିଟି ପକ୍ଷରୁ ଏ ସଂକ୍ରାନ୍ତରେ ରିପୋର୍ଟ ଦିଆଯାଇଛି। ଏହି ମାମଲାରେ ଆଜି କଟକ ଡିସିପି ହାଇକୋର୍ଟରେ ଅନଲାଇନ ମାଧ୍ୟମରେ ହଜାର ହୋଇଥିଲେ। କଟକ କମିଶନରେଟ ପୁଲିସ ଅନ୍ତର୍ଗତ ସମସ୍ତ ଥାନା ଆଇଆଇସି ମାନଙ୍କୁ ନିର୍ଦ୍ଦେଶାବଳୀ ଜାରି କରାଯାଇଥିବା ନେଇ ଡିସିପି ହାଇକୋର୍ଟଙ୍କୁ ଜଣାଇଥିଲେ। କଟକ ସହରର ଏକ ପ୍ରମୁଖ ରାସ୍ତା ହେଉଛି ବାଦାମବାଡି-ମଧୁପାଟଣା ଲିଙ୍କରୋଡ। ହେଲେ ସହରର ପ୍ରବେଶ ପଥ ମଧୁପାଟଣାରୁ ବାଦମବାଡି ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱର ସଂପ୍ରସାରିତ ଅଂଶ ଏବେ ବ୍ୟବସାୟୀ ମାନଙ୍କ ଜବରଦଖଲରେ ରହିଆସିଥିଲା। ମଧୁପାଟଣା ଛକଠାରୁ ବାଦାମବାଡ଼ି ପର୍ଯ୍ୟନ୍ତ ରାସ୍ତାକୁ ଗତ ୨୦୦୮ ମସିହାରେ ସମ୍ପ୍ରସାରଣ କରାଯାଇ ଓସାରିଆ କରାଯାଇଥିଲା। ହେଲେ ଏହି ରାସ୍ତାର ସମ୍ପ୍ରସାରିତ ଅଂଶରେ ଏବେ ଅଧିକାଂଶ ମୋଟର ଗ୍ୟାରେଜ ମାଲିକ ଜବରଦଖଲ କରିଛନ୍ତି। ଏପରିକି ଏହି ରାସ୍ତାରେ ଫୁଟପାଥ ନିର୍ମାଣ ହେଉଥିବା ବେଳେ ନିର୍ମିତ ଫୁଟପାଥକୁ ବି ଜବରଦଖଲ କରାଯାଉଥିବା ଦେଖିବାକୁ ମିଳୁଛି। ସେହିପରି ଡ୍ରେନ ଉପରୁ ଉଠାଦୋକାନୀ ମାନଙ୍କୁ ଉଚ୍ଛେଦ କରାଯାଇଥିବା କଟକ ମହାନଗର ନିଗମ ପକ୍ଷରୁ କୁହାଯାଇଥିଲା ବେଳେ କେତେକ ସ୍ଥାନରେ ଏବେ ବି ବେପାରର ପସରା ମେଲିଛି। ଏହି ସମ୍ପର୍କିତ ଫଟୋ ଓ ଭିଡିଓ କ୍ଲିପକୁ ଅଦାଲତରେ ଉପସ୍ଥାପନ କରାଯାଇଥିଲା ବେଳେ ହାଇକୋର୍ଟ ଏ ନେଇ ପ୍ରଶାସନକୁ ତାଗିଦ କରିଛନ୍ତି। ରାସ୍ତା ଠାରୁ ମାତ୍ର ଏକ ଫୁଟ ଉଚ୍ଚରେ ଫୁଟପାଥ ନିର୍ମାଣ କରାଯାଇଥିବା ବେଳେ ଏହା ପରେ ବେଆଇନ ପାର୍କିଂ କରାଯାଉଛି। ରାସ୍ତା କଡରେ ଗ୍ୟାରେଜ ଗୁଡିକ ଥିବାରୁ ରାସ୍ତା କଡରେ ଶହ ଶହ ଚାରିଚକିଆ ,ତିନି ଚକିଆ ଓ ଦୁଇ ଚକିଆ ଗାଡି ମରାମତି ପାଇଁ ଦୀର୍ଘ ଦିନ ଧରି ପାର୍କିଂ କରାଯାଉଛି। ପୂର୍ତ୍ତ ବିଭାଗ ଅଧିନରେ ଥିବା ଏହି ରାସ୍ତାର ସଂପ୍ରସାରଣ କଂକ୍ରିଟରେ କରାଯାଇଥିଲା। ଅଢେଇ କିଲୋମିଟର ରାସ୍ତା ପାଇଁ ପ୍ରାୟ ୭କୋଟି ଖର୍ଚ୍ଚ କରାଯାଇଥିଲା । ଏହି ସଂପ୍ରସାରିତ ଅଂଶ ଏବେ ରାସ୍ତା କଡରେ ଥିବା ବ୍ୟବସାୟ ପ୍ରତିଷ୍ଠାନର ପାର୍କିଂ ପାଇଁ ବ୍ୟବହୃତ ହୋଇଆସୁଛି। ତେବେ ନୋ ପାର୍କିଂ ଜୋନ ଓ ବେଆଇନ ପାର୍କିଂ ପାଇଁ ଜରିମାନା ରାଶି ଉଲ୍ଲେଖ କରି ସାଇନବୋର୍ଡ ବିଭିନ୍ନ ସ୍ଥାନରେ ଲଗାଇବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। କଟକର ଉଭୟ କାଠଯୋଡି ଓ ମହାନଦୀ ରିଙ୍ଗରୋଡରେ ଫୁଟପାଥ ରହିଛି। ହେଲେ ଏହା ଅନେକ ସ୍ଥାନରେ ଉଠାଦୋକାନୀଙ୍କ ଅଘୋଷିତ ଭେଣ୍ଡିଂ ଜୋନ ଭଳି ପ୍ରତୀୟମାନ ହୋଇଛି। ଫଳରେ ପଥଚାରୀ ମାନେ ଫୁଟପାଥରେ ଯାଆସ କରିଲା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ କଟକର ବହୁ ରାସ୍ତାକୁ ୪ଲେନ ଓ ୬ଲେନ ବିଶିଷ୍ଟ କରାଯାଉଥିଲା ବେଳେ ଏହି ସବୁ ରାସ୍ତାରେ ଫୁଟପାଥ ନିର୍ମାଣ କରାଯଉଛି। ହେଲେ ଏହାକୁ ଜବରଦଖଲରୁ ମୁକ୍ତ କରିବା ସାଧାରଣରେ ପ୍ରଶ୍ନବାଚୀ ହୋଇଛି।





## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ

# ଯୋଗ ଜୀବନରେ ଏକ ମହୌଷଧୀ







## ଯୋଗମୁଦ୍ରାରେ ବିଧାୟକ ଓ ଜିଲ୍ଲାପାଳ

**କଟକ,୨୧।୬(ସମିସ):** କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋଷ, ଜିଲ୍ଲାପାଳ ଅରିନ୍ଦମ ଡାକୁଆ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅଭିନେତା ଶ୍ରୀତମ ଦାସ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ସକାଳ ୭ଟାରୁ ପ୍ରାୟ ୪୫ ମିନିଟ୍ ଧରି ଯୋଗାଭ୍ୟାସ ଚାଲିଥିଲା। ବିଧାୟକ, ଜିଲ୍ଲାପାଳ ଓ ଉପସ୍ଥିତ ସମବେତ ଜନତା ଅତି ଆଗ୍ରହର ସହ ଯୋଗାଭ୍ୟାସ କରିଥିଲେ। ଏହାପରେ ଯୋଗର ଉପାଦେୟତା ଓ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗକୁ ସାମିଲ କରାଇବା ସମ୍ପର୍କରେ ଶପଥ ପାଠ ମଧ୍ୟ କରାଯାଇଥିଲା। ଏହି ଅବସରରେ ଉଦ୍‌ବୋଧନ ଦେଇ ବକ୍ତା ମାନେ ଯୋଗ ଜୀବନରେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ। ପ୍ରତ୍ୟେକ ଦିନ ଯୋଗାଭ୍ୟାସ କଲେ ଜଣେ ସୁସ୍ଥ ରହିବା ସହ ଏକାଗ୍ରତା ବୃଦ୍ଧି କରିପାରିବ। ଯୋଗ ଶରୀର ଓ ମନ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇଥାଏ ବୋଲି ମତ ଦେଇଥିଲେ। କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅରିନ୍ଦମ ଡାକୁଆ ସାରା ବିଶ୍ୱରେ ଯୋଗର ଉପାଦେୟତା ଅନୁଭବ ହେଉଥିବାବେଳେ ଆମେ ମଧ୍ୟ ଯୋଗକୁ ନିଜ ଜୀବନରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଇତିଶ୍ରୀ ନନ୍ଦ ଓ ତାଙ୍କ ସହଯୋଗୀ ପ୍ରଶିକ୍ଷକ ଭାବେ ଯୋଗାଭ୍ୟାସ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବହୁ ଅଧିକାରୀ ଓ କର୍ମଚାରୀ ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

### ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ୍



ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ୍ ଠାରେ ପତଞ୍ଜଳି ଯୋଗ ସମିତି କଟକ ଜିଲ୍ଲା ସହାୟତାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯୋଗ ଶିବିରକୁ ପତଞ୍ଜଳୀ ଯୋଗ ସମିତି କଟକ ଜିଲ୍ଲା ପ୍ରଭାରୀ ଶିଶିର କୁମାର ଜେନା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୈତ୍ୟାରି ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପତଞ୍ଜଳୀ ତରଫରୁ ସାଗର ରଞ୍ଜନ ନାୟକ ଓ ସ୍ୱାଗତୀକା ମହାନ୍ତି ତଥା ବିଦ୍ୟାଳୟର କ୍ରୀଡ଼ାଶିକ୍ଷକ ପ୍ରମୋଦ କୁମାର ପାଲ୍ ଓ ସାମୟିକ କ୍ରୀଡ଼ା ଶିକ୍ଷକ ସୁଦେଷ୍ଣା ଭୂୟାଁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ଯୋଗାସନ ଶିଖାଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଷଡ଼ଙ୍ଗୀ, ଆଶାଲତା ବେହେରା, ପୁଷ୍ପିତା ନାୟକ, ପ୍ରମିଳା ଜେନା, ଅମ୍ବିକା ପୃଷ୍ଟି,ସୌଭାଗ୍ୟ ମଞ୍ଜରୀ ମହାପାତ୍ର, ରାଜକିଶୋର ଚୌଧୁରୀ, ମଦନମୋହନ ବେହେରା, ସସ୍ମିତା ବେହେରା, ପ୍ରଭାସିନୀ ଦେ, ଅଞ୍ଜନା ବୋଷ, ଚୈତନ୍ୟ ନାୟକ, ବୀଣାପାଣୀ ସାହୁ, ସାଗରିକା ଲେଙ୍କା, ଜ୍ୟୋତିର୍ମୟୀ ସାହୁ ତଥା ଅତିଥି ଶିକ୍ଷକ ଜୟନ୍ତୀ ମାଝୀ ଓ ଶିବାନୀ ସାହୁ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଯୋଗଶିକ୍ଷା ଲାଭ କରିଥିଲେ। ବିଦ୍ୟାଳୟର କର୍ମଚାରୀ ରବୀନ୍ଦ୍ର ବେହେରା, ପ୍ରଦୀପ୍ତ ସାମନ୍ତରାୟ, ଅମର ମହାନ୍ତି, ଗଣେଷ ନାୟକ, ସିପ୍ରାରାଣୀ ମହାନ୍ତି, ମମତା ମହାରଣା ଓ ଧନେଶ୍ୱର ନାୟକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଖ୍ରୀଷ୍ଟ ମହାବିଦ୍ୟାଳୟ

ଖ୍ରୀଷ୍ଟ କଲେଜରେ ସୁସ୍ଥ ସମାଜ ଗଠନ ଆଭିମୁଖ୍ୟକୁ ନେଇ ବିଶ୍ୱ ଯୋଗଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ମଧୁମିତା ପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୋଗଶିକ୍ଷକ ସୂର୍ଯ୍ୟକାନ୍ତ ଧୀର୍ କଲେଜର ଛାତ୍ରଛାତ୍ରୀ, କର୍ମ.ରୀ ଓ ଅଧ୍ୟାପକ ମାନଙ୍କୁ ବିଭିନ୍ନ ଯୋଗମୁଦ୍ରାର ଅଭ୍ୟାସ କରାଇଥିଲେ। ଯୁବ ରେଡକ୍ରସର ସଂଯୋଜିକା ତଥା ଉପାଧ୍ୟକ୍ଷା ଡଃ କ୍ଷଣପ୍ରଭା ନନ୍ଦ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସ୍ୱାତୀ ଦାଶଙ୍କ ସହିତ ଅନ୍ୟ କର୍ମକର୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଏନ୍‌ଆରଆରଆଇ




କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ ଦଶମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି । ଆନ୍ତର୍ଜାତୀୟ ଯୋଗ ଦିବସ କମିଟିର ଅ୍ମକ୍ଷ ଡ଼ଃ ସୁଶାନ୍ତ କୁମାର ଦାସ, ଯୋଗ ଦିବସ କାର୍ଯ୍ୟକ୍ରମ ଏବଂ ଏହାର ବିଷୟବସ୍ତୁ ଉପରେ ସୂଚନା ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ଼ଃ ଅମରେଶ କୁମାର ନାୟକ କହିଥିଲେ ଯେ, ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ଯୋଗକୁ ନିଜର ଦୈନନ୍ଦିନ ଜୀବନରେ ଯୋଡି ରଖିବା ଉଚିତ୍। ପତଞ୍ଜଳି ଯୋଗ ପ୍ରଶିକ୍ଷକ ଜୟନ୍ତୀ ଭୋଇ ଯୋଗ, ପ୍ରାଣାୟାମ ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ ।

### ରଘୁନାଥଜୀଉ ଜୁନିୟର କଲେଜ



ରଘୁନାଥଜୀଉ ଜୁନିୟର କଲେଜରେ ଆନ୍ତର୍ଜାତିୟ ଯୋଗ ଦିବସ ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପାଳନ କରାଯାଇଛି। ଏହି ଯୋଗ ଉତ୍ସବରେ ଯୋଗଗୁରୁ ସାଗରିକା ଜେନା, ଭି.ବସନ୍ତା, ଏବଂ ନମିତା ବେହେରା ଯୋଗଦେଇ ପିଲାମାନଙ୍କୁ ଯୋଗର ଉପକାରିତା ସମ୍ପର୍କରେ ବୁଝାଇବା ସହିତ ବିଭିନ୍ନ ପ୍ରକାର ଯୋଗ କରି ନୀରୋଗ ରହିବାର ଉପାୟ ବତାଇଥିଲେ। ପିଲାମାନେ ନିୟମିତ ଯୋଗ କରିବାକୁ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ର/ଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କଲେଜର ପିଇଟି ଧର୍ମେନ୍ଦ୍ର ନାଥ ମହାନ୍ତି ଏବଂ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ସଞ୍ଜୟ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭାରତୀୟ ଯୋଗ ସଂସ୍ଥାନ

ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ଆଜି ସକାଳେ ମର୍କତନଗର ସ୍ଥିତ ଜୟ ପ୍ରକାଶ ନାରାୟଣ ପାର୍କରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗଦେଇ ଦୈନିକ ଏକ ଘଣ୍ଟା ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ସଂସ୍ଥାନର କଟକ ଜିଲ୍ଲା ମୁଖ୍ୟ ସବିତା ରଞ୍ଜନ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ। ଉପଦେଷ୍ଟା ଡ଼ ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବିଧାୟିକା ସୋଫିଆ ଫିର୍ଦୋସ, ଲଲାଟେନ୍ଦୁ ବଡୁ, ରାଜକିଶୋର ଦାଶ, କୈଳାଶ ଚନ୍ଦ୍ର ମିଶ୍ର, ଡ଼ ଶୈଳଜା ନନ୍ଦିନୀ ଜେନା, ରମାକାନ୍ତ ଦଳାଇ, କବିତା ପ୍ରଧାନ, ପଦ୍ମଜା ପଟ୍ଟନାୟକ, ସୁଧା ମହାନ୍ତି ଓ ଜଟାଧାରୀ ରାଉତ ପ୍ରମୁଖ ଯୋଗାଭ୍ୟାସ ଉପାଦେୟତା ଉପରେ ଆଲୋକପାତ କରିଥିଲେ।

### ନ୍ୟୁ ଷ୍ଟୁଆର୍ଟ ସ୍କୁଲ

ମିଶନ ରୋଡ଼ ସ୍ଥିତ ନ୍ୟୁ ଷ୍ଟୁଆର୍ଟ ସ୍କୁଲ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ବିଦ୍ୟାଳୟର ଅଧ୍ୟକ୍ଷ ରେଭେରେଣ୍ଡ ଡିକନ ମୋଜେସ ମହାନ୍ତିଙ୍କ ତତ୍ତ୍ୱବଧାନରେ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ବିଦ୍ୟାଳୟର ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ମନୁଷ୍ୟ ଜୀବନରେ ଯୋଗର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ କୁମାରୀ ଶ୍ରେୟାଂସି ମିଶ୍ର, ଶାରିରୀକ ଶିକ୍ଷା ଶିକ୍ଷକ ଅମୂଲ୍ୟ କୁମାର ବେହେରା, ଶିକ୍ଷକ ଉଦୟ ଚନ୍ଦ୍ର ଠାକୁର ଛାତ୍ରଛାତ୍ରୀଙ୍କୁ ଯୋଗ ଶିକ୍ଷା ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ନାୟକ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ସଂଯୋଜିକା ସୁମିତ୍ରା ପଣ୍ଡା, ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ, ବରିଷ୍ଠ ଶିକ୍ଷୟିତ୍ରୀ ସୁଲତା ବେହେରା, ଶିକ୍ଷୟିତ୍ରୀ ମର୍ସି ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀମାନେ ଯୋଗ ଅଭ୍ୟାସ କରିଥିଲେ।

### କଟକ ମହାବିଦ୍ୟାଳୟ



କଟକ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ଅଧ୍ୟକ୍ଷା ଡକ୍ଟର ପ୍ରଣତୀ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଯୋଗ ଶିକ୍ଷା କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷକ ଗଜେନ୍ଦ୍ର ସ୍ୱାଇଁ, ଖଗେଶ୍ୱର ସାହୁ ଓ ସୌରଭ ସାହୁ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଦୀପ୍ତ କୁମାର ପାଣ୍ଡି, ଆକାଉଣ୍ଟସ୍ ଅଫିସର ଶାରଦା କର, ଏନ୍‌ଏସ୍‌ଏସ୍ ଅଫିସର ଡକ୍ଟର ରୁନୁବାଳା ମହାରଣା, ରେଡ୍‌କ୍ରସ୍ ଅଫିସର ପ୍ରଦୀପ୍ତ ମିଶ୍ର, ରସାୟନ ବିଜ୍ଞାନ ଅଧ୍ୟାପକ ଡ. ଦେବ ପ୍ରସାଦ ପତି, ଅଧ୍ୟାପକ ମହମ୍ମଦ ଖୁର୍ସିଦ ଏନ୍‌ସିସି କାର୍ଯ୍ୟନିର୍ବାହୀ ସରୋଜ କୁମାର ଦାସ ଓ ପଦାର୍ଥ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ମଣ୍ଟୁ ଜେନା ପ୍ରମୁଖ ସଂଯୋଜନାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାୟ ଶହେରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ ଉପସ୍ଥିତ ପ୍ରଶିକ୍ଷକ ଯୋଗ ଶିକ୍ଷା ପ୍ରଦାନ କରିଥିଲେ।



ଭାରତୀୟ ଯୋଗ ସଂସ୍ଥାନ

### ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ -୨୦୨୪ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ପୋର୍ଟସ କମ୍ପଲେକ୍ସ ଠାରେ ଆୟୋଜିତ ଯୋଗାଭ୍ୟାସ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀରେ ଉଦ୍‌ଘାଟନ କରି ସମସ୍ତଙ୍କୁ ଆନ୍ତର୍ଜାତୀୟ ଯୋଗ ଦିବସ ଉପରେ ସୂଚନା ପ୍ରଦାନ କରିଥିଲେ। 'ଡ୍ରିମ୍‌ସ ଇନଷ୍ଟିଚ୍ୟୁଟ୍ ଅଫ ହେଲ୍‌ଥ ସାଇନ୍ସ ଆଣ୍ଡ ହସ୍‌ପିଟାଲ'ର ଯୋଗ ପ୍ରଶିକ୍ଷିକା ଡା. ଅର୍ପିତା ପ୍ରିୟଦର୍ଶିନୀ ପ୍ରତିଦିନ ଯୋଗାଭ୍ୟାସ ଲାଗି ପରାମର୍ଶ ଦେଇଥିଲେ। ଅନ୍ୟତମ ଯୋଗ ପ୍ରଶିକ୍ଷିକା ସୁନୀତା ସ୍ୱାଇଁ ଯୋଗ ମୁଦ୍ରା ପ୍ରଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ମେଡିକାଲ କଲେଜର ' ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, ପ୍ରଫେସର ଡା. ନିରୂପମା ଚୟନୀ, ନିର୍ଦ୍ଦେଶକ ଲୋକନାଥ ବେହେରା, ଏକାଡେମିକ୍ ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନ୍‌ଗୋ, ଡିନ୍ ଡ. ନୟନ ରଂଜନ ସାମଲ, ଡ. ଆଲୋକ ରଂଜନ ବିଶ୍ୱାଳ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. ଶ୍ରୀତା ଭୋଳ, ଡ. ତୁଷାରକାନ୍ତ ସାମଲ, ଡା. ଦୁର୍ଗାପ୍ରସାଦ ମିଶ୍ର, ଡା. ବୁଲୁ ମହାନ୍ତି, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରଦ୍ୟୁତ୍ କୁମାର ଷଡଙ୍ଗୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଏବଂ ସ୍ପୋର୍ଟସ କମ୍ପଲେକ୍ସର କୋଚ୍‌ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟ



ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ଜାତୀୟ ସେବା ସଂସ୍ଥା ଦ୍ୱାରା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଦୀପା ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଏନୱାଇକେର ଜିଲ୍ଲା ସଭାପତି ଗଙ୍ଗାଧର ବେହେରା, ଡ, ବିଲକେଶ ପର୍ବିନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ୍ ପରାମର୍ଶଦାତା ଡ. ସସ୍ମିତା ପଟ୍ଟନାୟକ, ଡ. ସଂଧ୍ୟା ମହାନ୍ତି, ଡ. ସ୍ମିତା ମହାନ୍ତି, ସୁମିତା ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ପାଖାପାଖି ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଆସ୍ଥା ମିଶ୍ର ଯୋଗର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥଲେ। ସପନଜିତ୍ ରାଉତ, ରଜତି ରାଉତ, ବୀଣାପାଣି ବିଶ୍ୱାଳ, ସସ୍ମିତା ପତି, ତନୁଶ୍ରୀ ପଟ୍ଟନାୟକ, କବିତାମାଳା ନାୟକ, ସୋନାଲି ରାଉତ ପ୍ରମୁଖ ଯୋଗଦେଇ ଯୋଗ ଶିକ୍ଷା କରିଥିଲେ।

### ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ



ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଫେସର ଭାଗ୍ୟଲକ୍ଷ୍ମୀ ନାୟକ, ଡାକ୍ତର ଏଲ.ଏମ ସଏ, ସାରଙ୍ଗଧର ନନ୍ଦ, ଡାକ୍ତର ସୁବ୍ରତ ସାମନ୍ତରାୟ, ପ୍ରଫେସର ସୁମିତା ମହାନ୍ତି, ଲଳିତ ଭୂୟାଁ, କଳ୍ପନା ପଟ୍ଟନାୟକ, ଡାକ୍ତର ଜାନକୀ, ଡାକ୍ତର ଭରତଭୂଷଣ ଶତପଥୀ, ସୁବ୍ରତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଯୋଗର ଉପକାରିତା ସଂକ୍ରାନ୍ତରେ ଏହି ଅବସରରେ ଆଲୋଚନା କରାଯିବା ସହ ଡାକ୍ତର ଏବଂ ଅନ୍ୟାନ୍ୟ ସମସ୍ତ ଷ୍ଟାଫ ଯୋଗ ପ୍ରଦର୍ଶନ କରିଥିଲେ।



ନ୍ୟୁ ଷ୍ଟୁଆର୍ଟ ସ୍କୁଲ



ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ

## ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ ପାଳିତ

# ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତା ପାଇଁ ଯୋଗ






### ସାଲେପୁର ବ୍ଲକ ପ୍ରଶାସନ

**ସାଲେପୁର, ୨୧।୬(ସମିସ):** ସାଲେପୁର ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ୱ ଯୋଗ ଦିବସ ସାଲେପୁରସ୍ଥିତ ମଧୁସୂଦନ ମଣ୍ଡପରେ ସାଲେପୁର ବିଡିଓ ଖଗେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ୍ରମେ ଏହି ଯୋଗଦିବସରେ ମୁଖ୍ୟଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ କହିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବହୁଗ୍ରାମ ମହାବିଦ୍ୟାଳୟ, ରେବା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ସେହିପରି ବ୍ଲକ, ତହସିଲ, ଶିଶୁବିକାଶ, କୃଷି ବିଭାଗର କର୍ମଚାରୀ ଓ ଅଧିକାରୀମାନେ ଯୋଗଦେଇ ଯୋଗ ଅଭ୍ୟାସ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ବହୁ ସରପଞ୍ଚ, ସମିତିସଭ୍ୟ ତଥା ସାଲେପୁର ବ୍ଲକର ନୋଡାଲ ଅଫିସର ସୌମ୍ୟରଞ୍ଜନ ସ୍ୱାଇଁ, ବ୍ଲକର ବରିଷ୍ଠ କର୍ମଚାରୀ ବିବେକାନନ୍ଦ ଭୂୟାଁ, ପ୍ରଦୀପ ସାହୁ,

### ମାଧ୍ୟମିକ ବିଦ୍ୟାଳୟ

**ଫୁଲନଖରା:** ସାରା ବିଶ୍ୱରେ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ 'ସ୍ୱୟଂ ଓ ସମାଜ ପାଇଁ ଯୋଗ'ର ଆବଶ୍ୟକତାକୁ ପ୍ରାଧାନ୍ୟ ଦିଆଯାଇ ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଅନୁଷ୍ଠାନରେ ଯୋଗ ଦିବସ ପାଳନ ହୋଇଯାଇଛି। ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ଯଶୋଧାରା ମହାପାତ୍ରଙ୍କ ତତ୍ତ୍ୱବଧାନରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିଥି ଭାବରେ ସ୍ୱାଧିନଚେତା ମହାନ୍ତି ଯୋଗଦେଇ ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତା ପାଇଁ ଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ସୁସ୍ଥ ଏବଂ ସନ୍ତୁଳିତ ଜୀବନଶୈଳୀ ପାଇଁ ଯୋଗ ସହାୟକ କରିଥାଏ ବୋଲି ପ୍ରକାଶ କରିଥିଲେ। ଯୋଗ ଶିକ୍ଷିକା ମୋନାଲିସା ମହାନ୍ତି ଛାତ୍ରୀଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟାପିକା ଅନସୂୟା ଆଚାର୍ଯ୍ୟ, ଡଃ ପ୍ରଣୟ ବଲ୍ଲରୀ ମହାନ୍ତି, ଇତିଶ୍ରୀ ମହାନ୍ତି,

ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା, ଯୋଗ ସେବାକେନ୍ଦ୍ରର ପରାମର୍ଶଦାତା ସଦାଶିବ ରଣା ପ୍ରମୁଖ ଉପସ୍ଥିତ ଥିଲେ।

### ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ

**ଆଠଗଡ଼:** ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେଆଠଗଡ଼ସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଲୋକନାଥ ସାହୁ ଉଦଘାଟନ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଦୈନନ୍ଦିନ ଜୀବନରେ ଯୋଗର ଉପାଦେୟତା ବୁଝାଇଥିଲେ। ଏହି ଯୋଗ ଶିବିରରେ ଏନ୍‌ସିସି, ରୋଭାର୍ ଓ ରେଞ୍ଜର୍, ଏନ୍‌ଏସ୍‌ଏସ୍ ଓ ମହାବିଦ୍ୟାଳୟର ସାଧାରଣ ଛାତ୍ରଛାତ୍ରୀମାନେ ଯୋଗ ଅଭ୍ୟାସ କରିଥିଲେ। ଅଧ୍ୟାପିକା ଡ଼. ସୁରେଖା ଦାଶ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହି ଶିବିରରେ ଅଧ୍ୟାପକ ଦିବ୍ୟଶକ୍ତି ସାମନ୍ତରାୟ, ଗୌତମବୁଦ୍ଧ ସୀତାରାମ, ସୌମ୍ୟକାନ୍ତ ସେନାପତି, ଅଧ୍ୟାପିକା ବିଷ୍ଣୁପ୍ରିୟା ପଣ୍ଡା, ଶ୍ରୀମନ୍ତିନି ଦାସ, ରୁନିସ୍ମିତା ପ୍ରୀତିପୁଷ୍ପା, ଖେଳ

ଯୋଗସମିତିର ସମସ୍ତ ସଭ୍ୟ ଯୋଗାଭ୍ୟାସ କରିଥିଲେ। ସାଲେପୁର ପତଞ୍ଜଳି ଯୋଗ ସମିତିର ତହସିଲ ପ୍ରଭାରୀ ପ୍ରତାପ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ, ବରେଣ୍ୟ ଅତିଥି ଭାବେ ବ୍ରହ୍ମଚାରୀ ସତ୍ୟବତ୍ସଳ ଦାସ, ଅନ୍ୟତମ ଅତିଥି ଭାବେ ସାଲେପୁର ଇସ୍କନ ଶାଖା ପରିଚାଳକ ବିକ୍ରମାଦିତ୍ୟ ସାହୁ ଯୋଗଦେଇଥିଲେ। କୈଳାସ ଚନ୍ଦ୍ର ବେହେରା, ଜ୍ୟୋତିର୍ମୟୀ ସାମଲ, ସଂଗ୍ରାମ କେଶରୀ କର, ହିମାଂଶୁ ଶତପଥି, ସନ୍ତୋଷ ଶତପଥି, କାମଦେବ କର ପ୍ରମୁଖ ମଞ୍ଚ ପରିଚାଳନା କରିଥିବା ବେଳେ, ପ୍ରଜାପତି ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଦ୍ୟାଳୟର ଭଉଣୀମାନେ ରାଜଯୋଗ ବିଷୟରେ ଆଲୋକପାତ କରିଥିଲ। ଏହି କାର୍ଯ୍ୟକ୍ରମରେ ମନୋଜ ରାଉଳ, ମାନସ ରଞ୍ଜନ ସାହୁ, ଅରୁଣ ନାୟକ, ଦିବାକର ସ୍ୱାଇଁ, ରମାକାନ୍ତ ଦାସ, ପ୍ରଭାତ ଭୂୟାଁ, ଶ୍ରୀକାନ୍ତ ଭୂୟାଁ, ନିଶିକାନ୍ତ ଦାସ, ଶ୍ୟାମସୁନ୍ଦର ସାହୁ, ସୁରେଶ ବେହେରା, ଜଗବନ୍ଧୁ ଦାସ, ଅଭିମନ୍ୟୁ ସାହୁ, ପରମାନନ୍ଦ ମହାରଣା, ରଞ୍ଜନ ରାଉତ, ଅମର୍ଜିତ ସାହୁ,

### ପ୍ରହଲ୍ଲାଦ ମହାବିଦ୍ୟାଳୟ

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଶିଶିର କୁମାର ସାହୁଙ୍କ ସଂଯୋଜନାରେ ବହୁ ସ୍ୱେଚ୍ଛାସେବୀଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଛି। ଯୋଗ ଗୁରୁ ସମରବଲ୍ଲଭ ଲେଙ୍କା ଛାତ୍ରଛାତ୍ରୀଙ୍କୁ ରୋଗ ନିରାକରଣ ଏବଂ ଶରୀରର ଉପଯୁକ୍ତ ଗଠନ ନିମନ୍ତେ ବିଭିନ୍ନ ପ୍ରକାର ଯୋଗ ଶିକ୍ଷା ପ୍ରଦାନ କରି ପ୍ରତ୍ୟେକ ଦିନ ଏହାକୁ ଅଭ୍ୟାସ କରିବା ପାଇଁ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ନିରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଏଥିରେ ଡ. ସୁଚିତ୍ର ସାହୁ, ଡ. ଅଲେଖ ଚନ୍ଦ୍ର ସାମଲ, ଉପେନ୍ଦ୍ର ପଣ୍ଡା, ଦୀପକ ଦ୍ୱିବେଦୀ, ପଦ୍ମଲୋଚନ ରାଉତ, ପ୍ରଶାନ୍ତ ଭାରତୀ, ଡ଼ଃ ଦେବଜାନୀ ସିହ୍ନା, ସ୍ୱୟଂପ୍ରଭା ସାମଲ, ପଦ୍ମପ୍ରଭା ସ୍ୱାଇଁ, ସରୋଜ ସାହୁ ପ୍ରମୁଖ ଯୋଗଦେଇ ଆନ୍ତର୍ଜାତୀୟ ଯୋଗଦିବସ ପାଳନର ଆଭିମୁଖ୍ୟ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଯୋଗ ଓ ବ୍ୟାୟାମର ଅଭ୍ୟାସ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୋଗ ଶିକ୍ଷାରେ ଅଂଶଗ୍ରହଣ କରିଥିବା ସ୍ୱେଚ୍ଛାସେବୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ମହିଳା ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ପୁଷ୍ପଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।






ସୁଧୀର ଦାଶ ଏହାକୁ ପରିଚାଳନା କରିଥିବାବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁମନ୍ତ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ଟାଙ୍ଗୀ କଲେଜ

**ଟାଙ୍ଗୀ:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଯୁବ ଯୋଗ ଅନୁଷ୍ଠାନ ଓ ବ୍ଲକ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଟାଙ୍ଗୀ କଲେଜରେ ୟୁଥ୍ ରେଡକ୍ରସ ଆନୁକୂଲ୍ୟରେ କଲେଜ ଅଧ୍ୟକ୍ଷ ଇକବାଲ ହୁସେନଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ଯୋଗଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ରେଡକ୍ରସର ଆବାହିକା ଡ. ସସ୍ମିତା ପଟ୍ଟନାୟକ ଯୋଗଦେଇଥିବାବେଳେ ଯୋଗଗୁରୁ ଭାବେ ଇଂରାଜୀ ପ୍ରାଧାପିକା ଡ. ବିଲକେଶ ପରିବିନ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଆସନର ଯୋଗଶିକ୍ଷା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗ, ଚିତ୍ରାଙ୍କନ, ବକ୍ତୃତା ଓ ରଚନା ଲିଖନ ପ୍ରତିଯୋଗିତା କରାଯାଇ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ବଣ୍ଟନ କରାଯାଇ ଶାନ୍ତିପାଠ

ରେଣୁପ୍ରିୟା ପଣ୍ଡା, ପ୍ରତିଭା ପଟ୍ଟନାୟକ ଓ ଆଶାଲତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବସ୍ମିତା ମହାପାତ୍ର, ନିରୁପମା ନାୟକ, ହେମନ୍ତ ଦାଶ, ଗୌତମ ଦାସ ଓ ଗୌତମ ଦଳାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ

**ଫୁଲନଖରା:** ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରେ ଅଧ୍ୟକ୍ଷା ଶକୁନ୍ତଳା ସାମଲଙ୍କ ତତ୍ତ୍ୱାବଧାନରେ ଯୋଗ କର୍ମଶାଳା ଉଦ୍‌ଘାଟନ ହୋଇଯାଇଛି। ମହାବିଦ୍ୟାଳୟର ପରିଚାଳନା ମୁଖ୍ୟ ଡ. ବଂଶୀଧର ଦାସ ଛାତ୍ରଛାତ୍ରୀଙ୍କୁ ଯୋଗର ଆବଶ୍ୟକତା ଓ ଉପକାର ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଆର୍ଟ ଅଫ୍ ଲିଭିଂର ଯୋଗ ପ୍ରଶିକ୍ଷକ ପଲ୍ଲବୀ ଧାନୁକା, ପ୍ରଭୁପ୍ରସନ୍ନ ବେହେରା ଓ ବିପ୍ଳବ ସନ୍ଥୁକା କର୍ମଶାଳା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଜୟ ଦାସ, ଶ୍ରୀବସ୍ତ ନାୟକ, ଅନିଲ ନାୟକ, ଅଧ୍ୟାପିକା ସ୍ୱାଗତିକା ଦାସ, ପ୍ରଜ୍ଞା

ଶିକ୍ଷକ ସ୍ମୃତିରଞ୍ଜନ ରାଉତ ଏବଂ ଲ୍ୟାବ୍ ସହାୟକ ଶୁଭଦର୍ଶନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ବଡ଼ମ୍ବାର ବିଭିନ୍ନ ଅନୁଷ୍ଠାନ

**ବଡ଼ମ୍ବା:** ବଡମ୍ବାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଜାଗାରେ ଅନ୍ତର୍ଜାତୀୟ ଯୋଗ ଦିବସ ଆୟୋଜନ କରାଯାଇଛି। ବଡ଼ମ୍ବା ପଞ୍ଚାୟତ ସମିତି ଆନୁକୂଲ୍ୟରେ ବଡମ୍ବାର ଐତିହ୍ୟ ଟେନିସ ପଡ଼ିଆ ଠାରେ ଅବସ୍ଥିତ ବୈକୁଣ୍ଠ ନାଥ ସ୍ମୃତିଭବନର ବ୍ଲକସ୍ତରୀୟ ଯୋଗଦିବସ ପାଳନ କରାଯାଇଛି ଓ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବାର ବିଧାୟକ ବିଜୟ କୁମାର ଦଳବେହେରା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସ୍ୱର୍ଣ୍ଣଲତା ବେହେରା, ସାଂସଦଙ୍କ ପ୍ରତିନିଧି ଦୀପକ ସାହୁ, ସମାଜସେବୀ ସୁନ୍ଦର ସାହୁ ପ୍ରମୁଖ ଯୋଗଦେଇ ଯୋଗ କରିଥିଲେ। ସେହିପରି ବଡମ୍ବା କଚେରୀ ପଡ଼ିଆ ଠାରେ ପ୍ରାଣଯୋଗ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ର

ରବୀନ୍ଦ୍ର ପରିଜା, ନବକିଶୋର କର, ଜ୍ୟୋତି ରଞ୍ଜନ ନାୟକ, ପ୍ରବିରଚନ୍ଦ୍ର ଦାସ, ପ୍ରକାଶ ମହାପାତ୍ର ସମେତ ସାଲେପୁରର ବହୁ ଜନସାଧାରଣ ସହଯୋଗ କରିଥିଲେ।

### ଚୌଦ୍ୱାର କଲେଜ

**ଚୌଦ୍ୱାର:** ଚୌଦ୍ୱାର ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୋଗଗୁରୁ ସୁରେଶ କୁମାର ଦାଶ, ଅଂଶୁମାନ ମହାପାତ୍ର ଓ ଶିକ୍ଷକ ବୈଦ୍ୟନାଥ ନାୟକ ଛାତ୍ରଛାତ୍ରୀଙ୍କୁ ଯୋଗାସନ ଶିକ୍ଷା ପ୍ରଦାନ କରିଥିଲେ। ଏହି ଅବସରରେ ଯୋଗ ସମ୍ପର୍କିତ ଶପଥପାଠ କରାଯାଇଥିଲା। ଅଧ୍ୟାପକ ଶରତଚନ୍ଦ୍ର ମଲ୍ଲିକ, ମୋହିତ କର, ପ୍ରଭାକର ମିଶ୍ର, ଦୀପକ ବେହେରା, ରତିକାନ୍ତ ସ୍ୱାଇଁ, ମମତା ସାହୁ, ହରପ୍ରିୟା ମହାପାତ୍ର, କ୍ଷିରାବ୍‌ଧି ଚୌଧୁରୀ, କ୍ରିଷ୍ଣା କାବେରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ବସନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### କିଶୋରନଗର ମହାବିଦ୍ୟାଳୟ

**କିଶୋରନଗର:** କିଶୋରନଗର ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରେମାନନ୍ଦ ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ଏବଂ ୟୁଥ୍ ରେଡ୍ କ୍ରସ୍ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ଅଧ୍ୟାପକ ଡ. ଅନାଦି ଚରଣ ବରାଳ, ଅଧ୍ୟାପକ ସାଦିକ୍ ଅଲ୍ଲୀ, ଅଧ୍ୟାପକ ବିନୟ ଭୂଷଣ ମହାପାତ୍ର, ଅଧ୍ୟାପିକା ସୁଭଦ୍ରା ସେଠ୍, ଅଧ୍ୟାପିକା ନମ୍ରତା ଶର୍ମା ପ୍ରମୁଖ ଯୋଗଦିବସ ବିଷୟରେ ଅଭିଭାଷଣ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ଅଧ୍ୟାପକ ଜ୍ୟୋତିରଞ୍ଜନ ଦାସ ପରିଚାଳନା କରିଥିଲେ ଏବଂ ବିଭିନ୍ନ ଯୋଗାଭ୍ୟାସ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

### ବାରଙ୍ଗ ପତଞ୍ଜଳି

**କଟକ:** ବାରଙ୍ଗ ପତଞ୍ଜଳି ଯୋଗ ସମିତି ପରିବାର ପକ୍ଷରୁ ଶୁକ୍ରବାର ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ନରଣପୁରସ୍ଥିତ ମହାବୀର ସ୍ପୋର୍ଟିଂ କ୍ଲବ ଖେଳ ପଡ଼ିଆରେ ପାଳିତ ହୋଇଯାଇଛି। ବାରଙ୍ଗ ପତଞ୍ଜଳି ପ୍ରଭାରୀ ସନ୍ତୋଷ






ଓ ଶପଥପାଠ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପିକା ରେଶମାରାଣୀ ବେହେରା, ଡ. ବିଷ୍ଣୁପ୍ରିୟା ଦାଶ ଓ ଅଧ୍ୟାପକ ଶରତଚନ୍ଦ୍ର ଖୁଣ୍ଟିଆ ପରିଚାଳନା କରିଥିବାବେଳେ ଅଧ୍ୟାପକ ଅମୀୟ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶହେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

### ମାହାଙ୍ଗା ବ୍ଲକ

**ମାହାଙ୍ଗା:** ମାହାଙ୍ଗା ବ୍ଲକ ପ୍ରତିଭା ଭବନ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ନହଙ୍ଗ ହାଇସ୍କୁଲର କ୍ରୀଡା ଶିକ୍ଷକ ପାର୍ଥସାରଥୀ ଦାସ, ଜଳେଶ୍ୱରପୁର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ବନିତା ବାରିକ ଉପସ୍ଥିତ ଥିବା ବ୍ଲକ ପ୍ରଶାସନ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଉପସ୍ଥିତ ଥିବା ଜନସାଧାରଣଙ୍କୁ ଯୋଗ ଅଭ୍ୟାସ କରାଇଥିଲେ। ବିଡିଓ ଶ୍ରୀ ବିଶ୍ୱାସ ଯୋଗ ଦିବସର ତାତ୍ପର୍ଯ୍ୟ ଓ ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିପିଓ ଜନ୍ମେଜୟ ରାଉତ, ଏପିଓ ରାମାନୁଜ ମହାରଣା, ବଡ଼ବାବୁ ସୁବାସ ମିଶ୍ର, କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରିୟା ମଲିକ, ଅମିତା ମଲିକ, ଶୁଭଲକ୍ଷ୍ମୀ ଜେନାଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଯୋଗାଭ୍ୟାସ କରିଥିଲେ।

### ଲକ୍ଷେଶ୍ୱର ମହିଳା ଉଚ୍ଚ

ବେହେରା, ଉପାସନା ସାହୁ, ଆଶାଲତା ନାଥ ଓ କ୍ରୀଡ଼ା ଶିକ୍ଷକ ଲଳିତ ଦାସ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ଯୋଗକୁ ନିଜ ଦୈନନ୍ଦିନ ଜୀବନରେ ଉପଯୋଗ ନିମନ୍ତେ ଶପଥ ପାଠ କରିଥିଲେ। ଶେଷରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### ଆଠଗଡ଼ ଉପଖଣ୍ଡ

**ଆଠଗଡ଼:** ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପଲକ୍ଷେ ଉପଖଣ୍ଡସ୍ତରୀୟ ଯୋଗ ଦିବସ ପାଳନ ବିଜୁ ପଟ୍ଟନାୟକସ୍ଥିତ ଇନଡୋର ଷ୍ଟାଡିୟମଠାରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ଆଠଗଡ଼ର ସାଧାରଣ ନାଗରିକ, ସ୍ୱେଚ୍ଛାସେବୀମାନେ, ଯୋଗ ସେବାକେନ୍ଦ୍ରର ସଦସ୍ୟ/ସଦସ୍ୟା, ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଦ୍ୟାଳୟ, ଆଠଗଡ଼ ଶାଖା, ବରିଷ୍ଠ ନାଗରିକଙ୍କ ସମେତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଆଠଗଡ଼ ଯୋଗସେବା କେନ୍ଦ୍ରର ଯୋଗାଚାର୍ଯ୍ୟ ମନୋଜ ପାଣିଗ୍ରାହୀ ଏବଂ ଯଦୁମଣି ପଟ୍ଟନାୟକ ଶିକ୍ଷକ ରୂପେ ଯୋଗଦେଇ ବିଭିନ୍ନ ଆସନ, ପ୍ରାଣାୟନ, ମୁଦ୍ରା, ବନ୍ଧ, ଧ୍ୟାନ ଆଦି ଶିକ୍ଷା ଦେଇଥିଲେ। ଡାକ୍ତର ଭୁବନାନନ୍ଦ ଦାସ, ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଦ୍ୟାଳୟ, ଆଠଗଡ଼ ଶାଖାର ସଭ୍ୟା ସୁଶ୍ରୀ ରୀତା ଯୋଗ ଦିବସ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ

ଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ପତଞ୍ଜଳି ଯୋଗ ପରିବାର ପକ୍ଷରୁ ଟେନିସ ପଡ଼ିଆରେ ଯୋଗ ଦିବସ ପାଳିତ କରାଯାଇଛି। ବଡମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଚିସ୍ମିତା ମହାନ୍ତିଙ୍କ ପୌରୋହିତ୍ୟରେ ଯୋଗ ଦିବସ ପାଳିତ ହୋଇଛି। ବଡମ୍ବା ହାଟସ୍ଥିତ ଶାସ୍ତ୍ରୀଜୀ ଉନ୍ନୀତ ମଇ ବିଦ୍ୟାଳୟ, ଚମ୍ପେଇଦ୍ୱାର, ଗଡ଼ାପୋଖରୀ ଉନ୍ନୀତ ମଇ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଛି। ସେହିପରି ଡମଣଗାଡ଼ିଆ ଆୟୁର୍ବେଦିକ ଡାକ୍ତରଖାନାରେ ତନ୍ମୟ ମହାନ୍ତିଙ୍କ ପୌରୋହିତ୍ୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ବଡମ୍ବା ସବଜଜ୍ କୋର୍ଟ ପରିସର ଓ ଜୁଡ଼ିସିଆଲ କୋର୍ଟ ପରିସରରେ ବିଚାର ବିଭାଗୀୟ ମଜିଷ୍ଟ୍ରେଟଙ୍କ ପୌରୋହିତ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି।

### ସାଲେପୁର ପତଞ୍ଜଳି ଯୋଗ ସମିତି

**ସାଲେପୁର:** ଅନ୍ତର୍ଜାତୀୟ ଯୋଗଦିବସ ଅବସରରେ ସାଲେପୁର ପତଞ୍ଜଳି ଯୋଗ ସମିତି ପକ୍ଷରୁ ସାଲେପୁର ଖେଳ ପଡ଼ିଆରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ବହୁ ଯୁବକ ଓ ଛାତ୍ରଛାତ୍ରୀ ସମେତ ସାଲେପୁର କଲେଜର ଏନସିସି ଓ ଏନଏସଏସର କ୍ୟାଡେଟମାନେ ଯୋଗ ଦେଇଥିବା ବେଳେ, ବିକ୍ରମ ଟ୍ୟୁଟରିଆଲର ସମସ୍ତ ଛାତ୍ରଛାତ୍ରୀ ଓ ସାଲେପୁର

### ବଲ୍ଲଭୀ ଦେବୀ ଡିଗ୍ରୀ ମହିଳା ମହାବିଦ୍ୟାଳୟ

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନତକାଇସ୍ଥିତ ବଲ୍ଲଭୀ ଦେବୀ ଡ଼ିଗ୍ରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ରେଡ଼କ୍ରସ ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷା ଡ଼ଃ.ପୁଷ୍ପିତା ଜେନାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଜୟଦେବ ରାଉତ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଦେବଜାନୀ ରାଉତ, ସୁଚରିତା ସେନାପତି, ସୁନିତା ଶୁଭଦର୍ଶିନୀ, ଉର୍ବସୀ ସାହୁ, ପ୍ରଭାବତୀ ରାଉତ, ସରିତା ପ୍ରଧାନ, ସଙ୍ଗୀତା ଦାସ, ଅଧ୍ୟାପକ ସୁବାଶିଷ ଦାସ ପ୍ରମୁଖ ସୁସ୍ଥ ଜୀବନଶୈଳୀ ପରିଚାଳନାରେ ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ଜୟନ୍ତୀ ସାହୁ, ରେଡକ୍ରସ କାଉନସିଲର ଶୁଭଶ୍ରୀ ନାୟକଙ୍କ ସଂଯୋଜନାରେ ଯୋଗଗୁରୁ ସୁଧାଂଶୁ ବେଜ ଛାତ୍ରୀଙ୍କୁ ବିଭିନ୍ନ ଯୋଗ ଶିକ୍ଷା କରାଇଥିଲେ। ଏହି ଯୋଗ ଶିକ୍ଷାରେ ଅଂଶଗ୍ରହଣ କରିଥିବା ବିଦ୍ୟାର୍ଥୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଉପେନ୍ଦ୍ର ସାହୁ, ବଟକୃଷ୍ଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡ. ଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ପାଣିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପରମ ପୂଜ୍ୟ ବିଶିଷ୍ଟ ପ୍ରବଚକ ତଥା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ, କଟକ ଜିଲ୍ଲାର ସଂଯୋଜକ ଡ. ଲିଙ୍ଗରାଜ ପତି, ସମ୍ମାନିତ ଅତିଥି ଭାବରେ ଗୀତା ଓ ଭାଗବତ ପ୍ରଚାରକ ତଥା ଯୋଗଗୁରୁ ଅଚ୍ୟୁତାନନ୍ଦ ବେହେରା, ଟ୍ରକ ମାଲିକ ସଙ୍ଘର ସଭାପତି ତଥା ବାରଙ୍ଗ ପତଞ୍ଜଳି ପରିବାରର ଉପଦେଷ୍ଟା ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପତଞ୍ଜଳି ସଂଯୋଜନା କମିଟି ସଭ୍ୟ ସୁରେଶ ମହାନ୍ତି ସ୍ୱାଗତ ଭାଷଣ ଓ ପ୍ରୋଟୋକଲ ଅଭ୍ୟାସ କରାଇଥିବା ବେଳେ ଯୋଗ ଶିକ୍ଷକ ପ୍ରବୀର କୁମାର ସ୍ୱାଇଁ ଓ ଯୋଗ ଶିକ୍ଷାର୍ଥୀ ଶୀକାନ୍ତ ସୌରଭ ମହାନ୍ତି ମଞ୍ଚରେ ଯୋଗ ଅଭ୍ୟାସ କରାଇଥିଲେ। କାର୍ଯ୍ୟକ୍ରମକୁ ପ୍ରତିନା ଦାସ, ରଞ୍ଜନ ସ୍ୱାଇଁ, ବିପିନ ବିହାରୀ ଦାସ, କୃଷ୍ଣଚନ୍ଦ୍ର ମଲ୍ଲିକ, ସ୍ୱପ୍ନିତା ମହାପାତ୍ର, ଦୁର୍ଯ୍ୟୋଧନ ମାଝୀ, ମହିମା ସ୍ୱାଇଁ, ରାଜେନ୍ଦ୍ର ମୁଦୁଲି, ପ୍ରହଲ୍ଲାଦ ମହାନ୍ତି, କବିତା ସାହୁ, ଶକୁନ୍ତଳା ସାହୁ, ମନସ୍ୱନୀ ସାହୁ, କବିତା ମଲ୍ଲିକ, ଗଣେଶ୍ୱର ନାୟକ, ଗଦାଧର ଦ୍ୱିବେଦୀଙ୍କ ସମେତ ମହାବୀର ସ୍ପୋର୍ଟିଂ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଯୋଗ ଶିକ୍ଷକ ନିରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସେହିପରି ବାରଙ୍ଗ ଓ ଉତ୍ତର ନିର୍ବାଚନ ମଣ୍ଡଳୀ ୫ ପଞ୍ଚାୟତର ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ବାରଙ୍ଗ ବ୍ଲକ, ବାରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର, ମୁଣ୍ଡଳୀ ସ୍ୱାସ୍ଥ୍ୟକେନ୍ଦ୍ର, ନୂଆବନ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ବିଭିନ୍ନ ଏଚ୍‌ଡବ୍ଲୁସି ଓ ସ୍କୁଲ କଲେଜରେ ଯୋଗ ଦିବସ ପାଳିତ ହୋଇଯାଇଛି।








## ଟ୍ରକ୍‌କୁ ପିଟିଲା କାର୍; ଜଣେ ମୃତ

**ସାଲେପୁର, ୨୧।୬(ସମିସ):** କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଜଗତପୁର ଦେଇ ପୂର୍ତ୍ତ ବିଭାଗ ରାସ୍ତାରେ ଏକ କାର ଯୋଗେ ସାଲେପୁର ଆଡକୁ ଆସୁଥିବାବେଳେ ଭାତପଡ଼ା ଗ୍ରାମ ନିକଟରେ ଏକ ଟ୍ରକ୍ ପଛରେ ଏହି କାରଟି ଧକ୍କା ହେବାରୁ କାରରେ ଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଗାଡ଼ି ଚଳାଉଥିବା ଡ୍ରାଇଭର ଦୁର୍ଘଟଣା ପରେ ଗାଡ଼ି ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି। କେନ୍ଦ୍ରାପଡ଼ା ଥାନାର ହଜାରିବଗିଚା ଅଞ୍ଚଳର ଶିବଶଙ୍କର ରାଉତ ଏକ ସୁଇଫ୍ଟ ଡିଜାୟାର କାର ଯୋଗେ ଗୁରୁବାର ବିଳମ୍ବିତ ରାତ୍ରିରେ ଭୁବନେଶ୍ୱରରୁ ଜଗତପୁର ଦେଇ କେନ୍ଦ୍ରାପଡ଼ା ଯିବାକୁ ଆସୁଥିବାବେଳେ ହଠାତ୍ ଏକ ଟ୍ରକ୍ ପଛପଟେ ଧକ୍କା ହୋଇଥିଲା। ଫଳରେ ସେ ଡ୍ରାଇଭର ସିଟ୍ ପାଖରେ ବସିଥିବାରୁ ସମ୍ମୁଖ ଭାଗ ଟ୍ରକ୍ ଭିତରକୁ ପଶିଯାଇଥିଲା। ଯାହା ଫଳରେ ଶିବଶଙ୍କର ରାଉତ ଗୁରୁତର ଭାବରେ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ସାଲେପୁର ମେଡ଼ିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତସମିତି ଅଧିବେଶନ



**ଟାଙ୍ଗୀ, ୨୧।୬(ସମିସ):** ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଅଧିବେଶନରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ ପୌରୋହିତ୍ୟ କରିଥିଲେ। ନିର୍ବାଚନ ପରବର୍ତ୍ତୀ ଉକ୍ତ ଅଧିବେଶନରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ ଓ ଆମ୍ଭ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ୨୪ଟି ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରିଥିଲେ। ବିଡିଓ ହେମନ୍ତ ମହାନ୍ତ, ଅତିରିକ୍ତ ବିଡିଓ ଶାଶ୍ୱତ ଜେନା ଓ ମୁଖ୍ୟକିରାଣି କରୁଣାକର ଖଟୁଆଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

## କଟକ ସଦର ବିଧାୟକଙ୍କ ସମୀକ୍ଷା ବୈଠକ



**କଟକ, ୨୧।୬(ସମିସ):** କଟକ ସଦରର ନବନିର୍ବାଚିତ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ କଟକ ସଦର ବ୍ଲକର ବିଭିନ୍ନ ଯୋଜନା ଏବଂ କାର୍ଯ୍ୟ ସମ୍ପର୍କରେ ବ୍ଲକ ପ୍ରଶାସନର ଅଧିକାରୀଙ୍କୁ ନେଇ ବ୍ଲକ ସଭାଗୃହରେ ଏକ ସମୀକ୍ଷା ବୈଠକ କରିଥିଲେ। ବିଧାୟକ ଇଂ ସେଠୀ ମନରେଗା କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ବ୍ଲକ ପ୍ରଶାସନ ସଠିକ ଢଙ୍ଗରେ ଏବଂ ଉପଯୁକ୍ତ ଭାବରେ ନାମ ପଞ୍ଜିକରଣ ଏବଂ ମାଷ୍ଟର ରୋଲରେ ସଠିକ ଭାବରେ ଲିପିବଦ୍ଧ କରିବା ପାଇଁ ପରାମର୍ଶ ଦେଇଥିଲେ। ସଦର ବିଡିଓ ରୂମାନା ଜାଫ୍ରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ବେଣ୍ଟକାର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡ. ପ୍ରଶାନ୍ତ କୁମାର ସାମଲ, ମେଡିକାଲ ଅଫିସର ଡ. ଶୁଭାଶିଷ ଶତପଥୀ, ଭିନ୍ନକ୍ଷମ ସୁରକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ମହାପାତ୍ର, ଅବକାରୀ ବିଭାଗର ଅଧିକାରୀ ତଥା ବ୍ଲକ ପ୍ରଶାସନର ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ। ବିଧାୟକ ଭାବରେ ନିର୍ବାଚିତ ହେବା ପରେ ଏହା ପ୍ରଥମ ସମୀକ୍ଷା ବୈଠକ ହେତୁ ବ୍ଲକ ପ୍ରଶାସନ ତତ୍ପରତା ଦେଖାଉଥିବା ଦେଖାଯାଇଥିଲା। ବୈଠକ ପରେ ବିଧାୟକ ଇଂ ସେଠୀ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକଲ ପ୍ରଦାନ କରିଥିଲେ।

## ବିଶ୍ୱ କଲ୍ୟାଣ ମହାଯଜ୍ଞ ଉଦ୍‌ଯାପିତ

**ଟାଙ୍ଗୀ, ୨୧।୬(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ଶ୍ରୀ ଶ୍ରୀ ମଦନମୋହନ ଜୀଉଙ୍କ ପୀଠରେ ଆୟୋଜିତ ବିଶ୍ୱ କଲ୍ୟାଣ ମହାଯଜ୍ଞ ଶୁକ୍ରବାର



ଉଦଯାପିତ ହୋଇଯାଇଛି। ଉକ୍ତ ତ୍ରିଦିନାତ୍ମକ ମହାଯଜ୍ଞ ଉପଲକ୍ଷେ ମଙ୍ଗଳବାର ଅଙ୍କୁରାରୋପଣ, ବୁଧବାର ଘଟାଧିବାସ, ବେଦପାଠ, ସୂର୍ଯ୍ୟପୂଜା, ଗୁରୁପୂଜା, ଗୋ-ପୂଜା, ଶାଳା ପ୍ରବେଶ କାର୍ଯ୍ୟ ଯଥାରୀତି ଅନୁଷ୍ଠିତ ହୋଇଥିଲା। ଆଧ୍ୟାତ୍ମିକ ତଥା ଭକ୍ତି ଭାବମୟ ପରିବେଶ ନିମନ୍ତେ ଭଜନ, ଓଡ଼ିଶୀ ନୃତ୍ୟ ଓ ପ୍ରବଚନ କାର୍ଯ୍ୟକ୍ରମ ସନ୍ଧ୍ୟା ସମୟରେ ଅନୁଷ୍ଠିତ ହୋଇଥିଲା। ମାଳିକା ବର୍ଣ୍ଣିତ ଜଳୌକା ଆଶ୍ରମର ପୂଜ୍ୟ ବାବାଜୀ ଅମୃତାନନ୍ଦ ଦାସ ପ୍ରବଚକ ଭାବେ ଯୋଗଦେଇଥିଲେ। ପୂର୍ଣ୍ଣାହୁତି ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ସାମଲ, ଯୁବନେତା ଜନ୍ମେଜୟ ଖିଲାର ଓ ଆମ୍ଭ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ଅତିଥି ବିଭୁକୃପା ଲାଭ କରିଥିଲେ।

### ଆଠଗଡ଼ ଉପଜିଲ୍ଲାପାଳଙ୍କ ତିଗିରିଆ ତହସିଲ କାର୍ଯ୍ୟାଳୟ ପରିଦର୍ଶନ

# ଅନୁପସ୍ଥିତ ୮ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ତିଗିରିଆ, ୨୧।୬(ସମିସ)



ତିଗିରିଆ ତହସିଲ କର୍ମଚାରୀଙ୍କ ଉପରେ ଆଜି ଶନିଦଶା ପଡ଼ିଛି। ବାବୁଗିରି ଦେଖାଇ କାର୍ଯ୍ୟରତ କିରାଣି ବାବୁମାନେ ଅଫିସ ସମୟ ପରିବର୍ତ୍ତେ ବହୁ ବିଳମ୍ବରେ ଆସି ଅଫିସ ବନ୍ଦ ପୂର୍ବରୁ ନିଜ ନିଜର ଘରକୁ ଚାଲିଯାଉଥିବାରୁ ବର୍ଷ ବର୍ଷ ଧରି ତହସିଲ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି। ଅଫିସ ସମୟ ନିର୍ଦ୍ଧାରିତ ୧୦ଟା ହୋଇଥିବା ବେଳେ କେତେକ କର୍ମଚାରୀ ଦିନ ୧୧ରୁ ୧୨ ମଧ୍ୟରେ କାର୍ଯ୍ୟରେ ଯୋଗଦେଇ ଅପରାହ୍ନ ୪ଟା ପୂର୍ବରୁ ଘରକୁ ଚାଲିଯାଉଥିବାର ବାରମ୍ବାର ଅଭିଯୋଗ ହେଉଥିଲେ ହେଁ ବିଭାଗୀୟ ଅଧିକାରୀ ଏଥିନେଇ ଗୁରୁତ୍ୱ ନେଉ ନ ଥିଲେ। ତେବେ ଆଜି ପୂର୍ବାହ୍ନ ୧୦.୪୫ ମିନିଟ ସମୟରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଅତର୍କିତ ତିଗିରିଆ ତହସିଲ ଗସ୍ତରେ ଆସି ଗସ୍ତ ସମୟରେ ଉପସ୍ଥିତ ଥିବା ମାତ୍ର ୨ ଜଣ କର୍ମଚାରୀଙ୍କୁ ବାଦ୍ ଦେଇ ଅନୁପସ୍ଥିତ ଥିବା ୮ ଜଣ କର୍ମଚାରୀଙ୍କ ଅଧାଦିନର ଦରମା ବନ୍ଦ କରିବାକୁ ତିଗିରିଆ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସଂପୃକ୍ତ ଅଦେଶନାମା ପ୍ରକାଶ ହେବା ପରେ ତିଗିରିଆ ତହସିଲରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ଛାନିଆ ଖେଳିଯାଇଛି।

ସୂଚନା ମୁତାବକ ଆଠଗଡ଼ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଆଜି ପୂର୍ବାହ୍ନ ୧୦.୪୫ ମିନିଟ ସମୟରେ ତିଗିରିଆ ତହସିଲ କାର୍ଯ୍ୟାଳୟକୁ ଅତର୍କିତ ପରିଦର୍ଶନରେ ଆସିଥିଲେ। ଶ୍ରୀ ତରାଇଙ୍କ ଗସ୍ତ ସମୟରେ କନଷ୍ଠ କିରାଣୀ ଆଶୁତୋଷ ରାଉଳ ଓ ଅମିନ ପ୍ରବୋଧ କୁମାର ପରିଡ଼ାଙ୍କ ବ୍ୟତୀତ ଅନ୍ୟ କୌଣସି କର୍ମଚାରୀ ତିଗିରିଆ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବାର ଦେଖି ଉପଜିଲ୍ଲାପାଳ ଆଜିର ଉପସ୍ଥାନ ଖାତା ମାଗି ତାକୁ ଯାଞ୍ଚ କରିବା ସହ ଆଜି ଅନୁପସ୍ଥିତ ଥିବା ୮ ଜଣ କର୍ମଚାରୀଙ୍କ ଅଧା ଦିନର ଦରମା ବନ୍ଦ କରିବାକୁ ତହସିଲଦାର ଅକ୍ଷୟ କୁମାର ପରିଡ଼ାଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିବାର ସୂଚନା ହସ୍ତଗତ ହୋଇଛି।

ସୂଚନାଯୋଗ୍ୟ ଯେ ତିଗିରିଆ ତହସିଲରେ ବର୍ତ୍ତମାନ ୩ ଜଣ କନିଷ୍ଠ କିରାଣୀ, ୩ ଜଣ ବରିଷ୍ଠ କିରାଣୀ, ଦୁଇ ଜଣ ଡାଟା ଏଣ୍ଟ୍ରି ଅପରେଟର, ଜଣେ ସେଜ୍ୱନ ଅଫିସର ଓ ୩ ଜଣ ଅମିନ ଅଛନ୍ତି। ମାତ୍ର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଅଭାବରୁ ବହୁ କର୍ମଚାରୀ କାର୍ଯ୍ୟାଳୟର ନିର୍ଦ୍ଧାରିତ ସମୟରେ କାର୍ଯ୍ୟାଳୟକୁ ନଆସି ବିଳମ୍ବରେ ଆସି ଅଫିସ ବନ୍ଦ ହେବା ପୂର୍ବରୁ ଘରକୁ ଚାଲିଯାଉଥିବା ବେଳ ଅପେକ୍ଷାକୃତ ଆଖପାଖ ଅଞ୍ଚଳର କର୍ମଚାରୀମାନେ ବିଳମ୍ବରେ କାର୍ଯ୍ୟ ସଂପାଦନ କରି ଘରକୁ ଫେରୁଛନ୍ତି। ସେହିପରି ତିଗିରିଆ ତହସିଲରେ କୌଣସି ୪ର୍ଥ ଶ୍ରେଣୀ କର୍ମଚାରୀ ନ ଥିବାରୁ ପୂର୍ବାହ୍ନରେ କିଏ କାର୍ଯ୍ୟାଳୟର ମୁଖ୍ୟ ଦରଜା ଖୋଲିବ ଓ କାର୍ଯ୍ୟାଳୟ ବନ୍ଦ ପରେ କିଏ ମୁଖ୍ୟ ଦରଜା ବନ୍ଦ କରିବ ତାହା ସଂଶୟ ସୃଷ୍ଟି କରିଛି। ବିଭିନ୍ନ ସମୟରେ କନିଷ୍ଠ କିରାଣି କିମ୍ବା ବରିଷ୍ଠ କିରାଣୀ ଏପରିକି କେତେକ ଅଣକର୍ମଚାରୀ କାର୍ଯ୍ୟାଳୟର ମୁଖ୍ୟ ଦରଜା ଖୋଲିବା ଓ ବନ୍ଦ କରିବା ପରି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳୁଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଠାରେ ଦୀର୍ଘଦିନ ଧରି ଖାଲିପଡ଼ିଥିବା ୪ର୍ଥ ଶ୍ରେଣୀ ପଦ ପୂରଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ବିଧାୟକଙ୍କ ସହ ମିଳିତ କ୍ରିୟାନୁଷ୍ଠାନ ଶିକ୍ଷକ ସଂଘର ଆଲୋଚନା

**ନିଶ୍ଚିନ୍ତକୋଇଲି, ୨୧।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ମିଳିତ କ୍ରିୟାନୁଷ୍ଠାନ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ନେତା ଶାରଦାପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କୁ ସାକ୍ଷାତ କରି ସ୍ୱାଗତ ଶୁଭେଚ୍ଛା ଜଣାଇଛନ୍ତି। ସଂଘର କର୍ମକର୍ତ୍ତାମାନେ ବିଧାୟକ ଶ୍ରୀ ପ୍ରଧାନଙ୍କ ସହ ଏହି ବ୍ଲକ ଅଞ୍ଚଳରେ ବିଭିନ୍ନ ବିଦ୍ୟାଳୟରେ ରହିଥିବା ଶିକ୍ଷକ ଓ ଭିତ୍ତିଭୂମି ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଯେଉଁ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ କମ ସଂଖ୍ୟାରେ ଅଛନ୍ତି ସେହି ବିଦ୍ୟାଳୟ ଗୁଡ଼ିକୁ ଅଧିକ ସଂଖ୍ୟକ ଶିକ୍ଷକ ଥିବା ସ୍କୁଲରୁ ଅଣାଯାଇ ଖୁବ୍ ଶୀଘ୍ର ଯୋଗାଇ ଦିଆଯିବାକୁ କାର୍ଯ୍ୟକ୍ରମ କରାଯିବ। ଏହାଛଡ଼ା ଯେଉଁସବୁ ବିଦ୍ୟାଳୟ ଗୁଡ଼ିକରେ ଭିତ୍ତିଭୂମିର ଅଭାବ ରହିଛି ତଥା ଶ୍ରେଣୀଗୃହ ହେଉ, ପାଚେରି ହେଉ, ମଧ୍ୟାହ୍ନ ଭୋଜନର ରୋଷେଇ ଘର ହେଉ, ତାହା ମଧ୍ୟ ଖୁବ୍‌ଶୀଘ୍ର କରାଯିବା ପାଇଁ ସଂଘୀୟ ନେତାମାନଙ୍କୁ କହିଥିଲେ। ଏହାଛଡ଼ା ଶିକ୍ଷକମାନଙ୍କର ବୈଠକ ପାଇଁ ଏକ ଶିକ୍ଷକ ଭବନ ମଧ୍ୟ ନିର୍ମାଣ କରାଯିବ ବୋଲି ସୂଚନା ଦେଇଥିଲେ। ଯେଉଁ ବିଦ୍ୟାଳୟରେ ୫ ବର୍ଷରୁ ଅଧିକ କାଳ ଶିକ୍ଷକମାନେ ରହିଛନ୍ତି ସେମାନଙ୍କୁ ବଦଳି କରାଯିବା ବିଶେଷ କରି ସିଆରସିମାନେ ସେମାନଙ୍କର ମୂଳ ବିଦ୍ୟାଳୟ ଓ ପରିଦର୍ଶନ ପାଇଁ ଯାଉଥିବା ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଥିଲେ। ପ୍ରତ୍ୟେକ ବିଦ୍ୟାଳୟରେ ପରିଚାଳନା କମିଟିଗୁଡ଼ିକୁ ଠିକ୍ ଭାବେ ଗଠନ କରି ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ସ୍କୁଲର ଦାୟିତ୍ୱ ଦିଆଯିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଆଲୋଚନାରେ ଶିକ୍ଷକ ନେତା ସାନ୍ତନୁ କର, ବୃନ୍ଦାବନ ପାତ୍ର, କିଶୋର ନାଥ, ଅଭୟ ଜେନା, ଉମେଶ ଚନ୍ଦ୍ର ରାଉତଙ୍କ ସମେତ ବହୁ ଶିକ୍ଷକ ଯୋଗ ଦେଇଥିଲେ।



## ଅଭ୍ୟାସ କର୍ମ କୌଶଳ ପ୍ରଶିକ୍ଷଣ ଶିବିର




**କଟକ, ୨୧।୬(ସମିସ):** ବାଙ୍କୀ ବ୍ଲକର ବନ୍ଦାଳ, ବାଇଗଣି ଏବଂ ଓସ୍ତିଆ ପଞ୍ଚାୟତରେ ଅଭ୍ୟାସ କର୍ମ କୌଶଳ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ବାଙ୍କୀ ବ୍ଲକ ଓ ସାବିତ୍ରୀ ଜନସେବା ଅନୁଷ୍ଠାନ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ବନ୍ଦାଳ ପଞ୍ଚାୟତ ସରପଞ୍ଚ ପ୍ରିୟଦର୍ଶିନୀ ସ୍ୱାଇଁ, ବାଇଗଣି ପଞ୍ଚାୟତ ସେଲ୍ଟର ସମ୍ପାଦକ ଭରତ ଦେହୁରୀ ଏବଂ ଓସ୍ତିଆ ପଞ୍ଚାୟତ ସରପଞ୍ଚ ଆର୍ତ୍ତବନ୍ଧୁ ବେହେରା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ପକଳ୍ପ ଅଧିକାରୀ ବିଶ୍ୱଜିତ ସାହୁ, ବାଙ୍କୀ ବ୍ଲକ ଜରୁରିକାଳୀନ ଅଧିକାରୀ ସସ୍ମିତା ସ୍ୱାଇଁ, ସମିତିସଭ୍ୟ ରଶ୍ମୀରଞ୍ଜନ ସାମନ୍ତରାୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳକୃଷ୍ଣ ମିଶ୍ର, ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଜ୍ଞା ପରମିତା ଖଟୁଆ, ଓଡ୍ରାଫର ସୁନୀଲ କୁମାର ନାୟକ, ସାବିତ୍ରୀ ଜନସେବା ଅନୁଷ୍ଠାନର ମୁଖ୍ୟ ବିଭୂତି କୁମାର ରାୟ, ରାଜ୍ୟ ସଂଯୋଜକ ବିସ୍ମିତା ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏନଡିଆରଏଫ ଯବାନ ମାନେ ଯୁବକ ଯୁବତୀ ମାନଙ୍କୁ ଜୀବନ ରକ୍ଷାର କଳାକୌଶଳ ପ୍ରଶିକ୍ଷଣ ଦେଇଥିଲେ। ସାବିତ୍ରୀ ଜନସେବା ପକ୍ଷରୁ ରୋଜିସ୍ମିତା ଦାସ, ବିଶାଖା ରାୟ, ଜୟନ୍ତ କୁମାର ବେଉରା, ଓସ୍ତିଆ ପଚାୟତ ସମସ୍ତ ୱାର୍ଡ ସଭ୍ୟସଭ୍ୟା, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

## କଳିଙ୍ଗ ବିଦ୍ୟାପୀଠର ବାର୍ଷିକୋତ୍ସବ




**ଚୌଦ୍ୱାର, ୨୧।୬(ସମିସ):** କଳିଙ୍ଗ ନୋଡ଼ାଲ ବିଦ୍ୟାପୀଠର ୭୪ତମ ବାର୍ଷିକୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ସମିତି ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ସୁପ୍ରତିଷ୍ଠିତ ସିନେ ତାରକା ତଥା ବିଦ୍ୟାଳୟର ପୁରାତନ ଛାତ୍ରୀ ଅର୍ଚ୍ଚିତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚୌଦ୍ୱାର-କଟକ ବିଧାୟକ ଉତ୍ସବକୁ ଉଦ୍‌ଘାଟନ କରି ଶିକ୍ଷା କ୍ଷେତ୍ରରେ ଅଞ୍ଚଳରେ ସୁନାମ ଅର୍ଜିଥିବା କଳିଙ୍ଗ ବିଦ୍ୟାପୀଠର ବିକାଶ ଦିଗରେ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ସମିତି ଆଲୁମିନି କମିଟି ସଭାପତି ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଟାଙ୍ଗୀ ବିଇଓ କୁନ୍ତଳା ଖଟୁଆ, ଡ. ତ୍ରିଦିବ ବେହେରା, ଶିକ୍ଷାବିତ୍ ଗଣେଶ ପ୍ରସାଦ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'କଳିଙ୍ଗା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଗୌତମ କୁମାର ଆଚାର୍ଯ୍ୟଙ୍କୁ ବ୍ଲକ ଶିକ୍ଷା ବିଭାଗ, ବିଦ୍ୟାଳୟର ଶିକ୍ଷା ମଣ୍ଡଳୀ ତଥା ଛାତ୍ରଛାତ୍ରୀଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯିବା ସହିତ ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ଓ ମ୍ୟାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ରଜେନ୍ଦ୍ର ନାଥ ବିବରଣୀ ପାଠ କରିଥିଲେ ଏବଂ ଆଲୁମିନି ସମିତି ସମ୍ପାଦକ ତଥା ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଆଲୁମିନି ସମିତି କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତ ସଚେତନତା

**ନିଶ୍ଚିନ୍ତକୋଇଲି, ୨୧।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଜିଗ୍ନୀପୁର ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତରେ ସଚେତନତା କରାଯାଇଛି। ଶ୍ରେଣୀ ଗୃହ ହେଉ କିମ୍ବା ବିଭିନ୍ନ ସମୟରେ ନିଜ ଜୀବନକୁ କିଭଳି ସୁରକ୍ଷିତ ରଖାଯିବ ଏବଂ ଅନ୍ୟମାନଙ୍କୁ ବିପଦ ବେଳେ କିଭଳି ସୁରକ୍ଷା ଦିଆଯିବ ସେ ସଂକ୍ରାନ୍ତରେ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ଶିକ୍ଷାବିତ୍ ଧିରେନ୍ଦ୍ରନାଥ ବେହେରା, ମୁଖ୍ୟବକ୍ତା ଭାବେ ଆଲୁମିନି କମିଟି ସଭାପତି ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ, ସମ୍ମାନୀତ ଅତିଥି ଭାବେ ବଳଦେବଜୀଉ ବଜାର କମିଟିର ସଭାପତି ସନ୍ତୋଷ ପ୍ରଧାନ, ସ୍କୁଲ ପରିଚାଳନା କମିଟିର ସଭାପତି ମନୋଜ କୁମାର ଘଡ଼ାଇ, ଶିକ୍ଷୟିତ୍ରୀ ସବିତା ମିଶ୍ର, ସନ୍ଧ୍ୟାରାଣୀ ଜେନା, ସୁସ୍ମିତା ପାଲ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଭାକର ସ୍ୱାଇଁଙ୍କ ସଂଯୋଜନାରେ ରବିନାରାୟଣ ମିଶ୍ର, ପାର୍ଥସାରଥୀ ମହାନ୍ତି, ରବିନାରାୟଣ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ବିଧାୟକଙ୍କ ପାନୀୟଜଳ ସମୀକ୍ଷା: ଆସନ୍ତା ୬ରେ ଆଉ ଏକ ବୈଠକ

ବଡ଼ମ୍ବା, ୨୧।୬(ସମିସ)



ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରାଙ୍କ ନେତୃତ୍ୱରେ ପାନୀୟ ଜଳ ପ୍ରକଳ୍ପକୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବଡମ୍ବା ପୂର୍ତ୍ତବିଭାଗ ପରିସର ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଚିନ ମିଶ୍ର, ଏଲ୍ ଆଣ୍ଡ ଟି ପ୍ରୋଜେକ୍ଟ ମ୍ୟାନେଜର ରଣଜିତ ମହାନ୍ତି, ପାନୀୟ ଜଳ ପ୍ରକଳ୍ପ ଅପରେଟର ଓ ମେଣ୍ଟେନାନ୍ସ ଇଞ୍ଜିନିୟର ସୁମନ୍ତ ବାରିକ୍, ବଡ଼ମ୍ବା ଆରଏସଏସଡବ୍ଲୁ ଜେଇ ଦିଲ୍ଲୀପ କୁମାର ବେହେରା, ଓ ନରସିଂହପୁର ଆରଏସଏସଡବ୍ଲୁ ଜେଇ ପ୍ରମୁଖ ଉପସ୍ଥିତ ଥିଲେ। ମେଗା ପାନୀୟଜଳ ପ୍ରକଳ୍ପ ବଡମ୍ବା ନରସିଂହପୁରରେ ଦିଗହରାକୁ ନେଇ ବିଧାୟକ ଶ୍ରୀ ଦଳବେହେରା କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ପାନୀୟଜଳ ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଡମ୍ବା ନରସିଂହପୁରରେ ପାନୀୟ ଜଳ ସମସ୍ୟାକୁ ନେଇ ରାସ୍ତା ଉପରେ ଗରା ମାଠିଆ ଥୋଇ ବାର୍ ବାର୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପାନୀୟ ଜଳର ସମସ୍ୟା ସମାଧାନ ହୋଇନାହିଁ। ଏନେଇ ମୁଖ୍ୟ ଶାସନ ସଚିବଙ୍କୁ ପାନୀୟ ଜଳ ସମସ୍ୟା ଉପରେ ଅଭିଯୋଗ ହୋଇଛି। ମେଗା ଜଳସେଚନ ପ୍ରକଳ୍ପ-୨୨୫ କୋଟି ଟଙ୍କା, ବଡ଼ମ୍ବା-ନରସିଂହପୁର ଅଞ୍ଚଳର ୧୬୨ ରେଭିନ୍ୟୁ ଭିଲେଜର ୨୫ ହଜାର ଏକର ଚାଷଜମିକୁ ଜଳସେଚନ ବ୍ୟବସ୍ଥା, ମେଗା ପାନୀୟ ଜଳ ପ୍ରକଳ୍ପ ୨୭୩ କୋଟି ଟଙ୍କା, ୨୧୭.୭୧ କୋଟି ଟଙ୍କାରେ ଟେଣ୍ଡର ନେଇଥିଲା ଏଲ୍ ଆଣ୍ଡ ଟି ଏଥିରେ ନରସିଂହପୁର ବ୍ଲକରେ ୩୫ଟି ପଞ୍ଚାୟତର ୨୦୪ଟି ଗାଁକୁ ଏବଂ ବଡ଼ମ୍ବା ବ୍ଲକରେ ୩୮ଟି ପଞ୍ଚାୟତର ୨୨୭ଟି ଗାଁକୁ ପାନୀୟଜଳ ଯୋଗାଇଦେବାର ବ୍ୟବସ୍ଥା କରାଯାଇଥିଲା। ମାତ୍ର ନିର୍ମାଣ ଅବଧି ଶେଷ ହେବାର ୫ ବର୍ଷ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଥିବାରୁ ଗତ ୨୦୨୩ ମେ ମାସରେ କଟକ ଏଡିଏମ୍ ପୂର୍ଣ୍ଣଚନ୍ଦ୍ର ମିଶ୍ର ସ୍ଥିତି ପରଖିବା ସହ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଜୁନ ୨୦୨୩ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ବିଭାଗୀୟ ଯନ୍ତ୍ରୀ କାଳୁ ଚରଣ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଏଲ୍ ଆଣ୍ଡ ଟି କମ୍ପାନୀ ଟେଣ୍ଡର ପାଇଥିଲା ଚୁକ୍ତି ଅନୁସାରେ ୨୦୧୬ ମସିହାରେ କାମ ଆରମ୍ଭ ହୋଇ ୨୦୧୮ ମସିହା ସୁଦ୍ଧା ଶେଷ ହେବାର ଥିଲା; କିନ୍ତୁ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ପାରିବାରୁ ପୁଣି ଥରେ ଦୁଇ ବର୍ଷ ପାଇଁ ଅବଧି ବୃଦ୍ଧି କରି କାମ ଶେଷ କରିବାକୁ ଚୁକ୍ତି କରିଥିଲା କମ୍ପାନୀ। ହେଲେ ଅବଧି ଶେଷ ହେବାର ୫ ବର୍ଷ ପରେ ବି ନରସିଂହପୁର ବ୍ଲକରେ ପାଖାପାଖି ୧୫୦ ଗାଁ ଏବଂ ବଡ଼ମ୍ବା ବ୍ଲକରେ ପାଖାପାଖି ୮୦ରୁ ଊର୍ଦ୍ଧ୍ୱ ଗାଁକୁ ଏପର୍ଯ୍ୟନ୍ତ ପାନୀୟଜଳ ଯୋଗାଇ ପାରିନାହିଁ କମ୍ପାନୀ। ସେପଟେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଅଧିକାଂଶ ସ୍ଥାନରେ ପାଇପ୍ ଲିକେଜ୍ ହୋଇ ରାସ୍ତାଘାଟରେ ପାଣି ବୋହୁଥିବା ଦେଖାଯାଉଛି। ବିଭିନ୍ନ ସ୍ଥାନରେ ରାସ୍ତା ତାଡ଼ି କମ୍ପାନୀ ପାଇପ ବିଛାଇଥିଲେ ବି ମରାମତି କରୁନାହିଁ ତେଣୁ ଯାତାୟାତ ଅସୁବିଧା ହେଉଛି। ଏଭଳି ଏକାଧିକ ଅନିୟମିତତା ଓ ମାତ୍ରାଧିକ ବିଳମ୍ବ ଭଳି ଦୀର୍ଘ ଦିନର ସମସ୍ୟା ଏବଂ ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ ଗୁରୁତ୍ୱାରୋପ କରି ଯଥାଶୀଘ୍ର ସମ୍ଭବ ତ୍ୱରିତ୍ ସମାଧାନ ପାଇଁ ଦାବି ଜଣାଇଛନ୍ତି। ବିଭାଗୀୟ ଅଧିକାରୀମାନେ ଆସନ୍ତା ୬ ତାରିଖ ଭିତରେ କମଳାଡିହ, ଏକଡାଳ ଓ ବଡମ୍ବା ନିଜିଗଡ଼କୁ ପ୍ରାଧାନ୍ୟ ଦେବା ପାଇଁ ବିଧାୟକ ଶ୍ରୀ ଦଳବେହେରା ନିର୍ଦ୍ଦେଶ ଦେବା ସହ ବିଭିନ୍ନ ଗ୍ରାମରେ ରାସ୍ତା ତାଡି ପାଇପ୍ ବିଛାଇ ଖାଲଖମା କରି ସେମିତି ଛାଡ଼ି ଦେଇଥିବାରୁ ତାକୁ ତୁରନ୍ତ ମରାମତି କରିବା ପାଇଁ କହିଥିଲେ। ଯେଉଁ ଗ୍ରାମଗୁଡ଼ିକୁ ପାଣି ଯାଉଛି ବିଧାୟକ ନିଜେ ଯାଇ ତଦାରଖ କରିବେ ଓ ଏଥିରେ ଖିଲାପ କଲେ କାହାକୁ ଛଡ଼ାଯିବ ନାହିଁ ବୋଲି କହିଥିଲେ। ପାନୀୟ ଜଳର ସମସ୍ୟା ଉପରେ କେତେ ଦୂର ଅଗ୍ରଗତି ହୋଇଛି ତାହା ଜାଣିବା ପାଇଁ ଆସନ୍ତା ୬ ତାରିଖରେ ସମୀକ୍ଷା ବୈଠକ କରିବା ପାଇଁ ସୂଚନା ଦେଇଛନ୍ତି।

## ଆଠଗଡ଼ରେ ପ୍ରତିକ୍ରିୟାଶୀଳ ବିଜେପି




**ଆଠଗଡ଼, ୨୧।୬(ସମିସ):** ନିର୍ବାଚନରେ ପରାଜିତ ହେବା ପରେ ଆଠଗଡ଼ରେ ବିଜେପି ପ୍ରତିକ୍ରିୟାଶୀଳ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଗତ କିଛି ଦିନ ତଳେ ବିଜେପି ବିଧାୟକ ପ୍ରାର୍ଥୀ ଅଭୟ କୁମାର ବାରିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ପାଟିତୁଣ୍ଡ କରିଥିଲେ। ପରେ ବିଜେଡି କର୍ମୀଙ୍କ ସହ ବଚସା ହୋଇଥିଲା। ସେହିପରି ଆଜି ପୂର୍ବାହ୍ନ ସମୟରେ ଶ୍ରୀ ବାରିକ, ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି ଓ ବହୁ କର୍ମୀ ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ପହଞ୍ଚିଥିଲେ। ମେଡିକାଲ ଅଧୀକ୍ଷକ ଡାକ୍ତର ବିଜୟ କୁମାର ମିଶ୍ରଙ୍କ ସହ ମେଡିକାଲର ବିଭିନ୍ନ ଆଭ୍ୟନ୍ତରୀଣ ବିଷୟରେ ଆଲୋଚନା ପୂର୍ବକ ଉଚ୍ଚବାଚ ହୋଇଥିଲା। ଫଳରେ ମେଡିକାଲରେ କିଛି ସମୟ ପାଇଁ ରୋଗୀସେବା ବ୍ୟାହତ ହୋଇଥିବା ଅଭିଯୋଗ ହୋଇଛି। ଅପରାହ୍ନରେ ବିଜେଡି ଦଳୀୟ କାର୍ଯ୍ୟାଳୟଠାରେ ଜିଲ୍ଲା ବିଜେଡି ସଂପାଦକ ପ୍ରଦୀପ୍ତ ଦାସ, ଆଠଗଡ଼ ବ୍ଲକ ସଂପାଦକ ରଞ୍ଜନ ଜେନା, ରାକେଶ ଦାଶ ପ୍ରମୁଖ ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ଦୃଢ଼ ନିନ୍ଦା କରିଛନ୍ତି।

